ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା

RNI No. 66443/94

Vol.26 | Issue - 33 | 14 - 20 August 2022 | Sambalpur | Page- 8 | Invitation Price Rs.10


## ୨୦୨୪ ରେ ପୁଣି ମୋଦି

ନୂଆଦିଲ୍ଲୀ: ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି । ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ) ପୁନର୍ବାର ବିଜୟୀ ହେବ ବୋଲି ଏକ ସର୍ଭେରୁ



ଜଣାପଡିଛି । ସାଧାରଣ ନିର୍ବାଚନକୁ ଦୁଇବର୍ଷରୁ କମ୍ ସମୟ ବାକି ଥିବାବେଳେ ଏହାର ସମ୍ଭାବ୍ୟ ପରିଣାମକୁ ନେଇ ପତ୍ରିକା 'ଇଣ୍ଡିଆ ଟୁଡେ' ସହ ପୁଲିଂ ଏଜେନ୍ସି 'ସି ଭୋଟର' ପକ୍ଷରୁ ମିଳିତ ଭାବେ ସର୍ବେକ୍ଷଣ କରାଯାଇଥିଲା । ଗତ ଫେବୃୟାରୀରୁ ଅଗଷ୍ଟ ମଧ୍ୟରେ କରାଯାଇଥିବା ମୁଡ୍ ଅଫ୍ ଦି ନେଶନ୍ ସର୍ଭେରେ ୧,୨୨,୦୧୬ ଜଣଙ୍କ ମତାମତ ନିଆଯାଇଥିଲା । ସେତେବେଳେ ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ଶାସକ ମେଣ୍ଟ ୩୦୭ ଆସନ ଦଖଲ କରିବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ ଜେଡିୟୁ ଏନଡିଏରୁ ଓହରିଯିବା ପରେ ମେଣ୍ଟ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଏନଡିଏକୁ ୨୮୬ ଆସନରେ ସଫଳତା ମିଳିବ ବୋଲି ଏଥିରେ କୁହାଯାଇଛି । ପ୍ରାୟ ୫୩% ମତଦାତା ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଦେଖିବାକୁ ଚାହୁଁଥିବା କହିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସପକ୍ଷରେ ୯% ସମର୍ଥନ ରହିଥିବା ଉକ୍ତ ସର୍ଭେରୁ ଜଣାପଡିଛି ।

## ନବୀନ ଦେଶରେ ପୁଣି ୧ ନମ୍ବର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ : ଭାରତବର୍ଷର ସବୁଠୁ ଅଧିକ ବିଶ୍ୱସନୀୟ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ନିଜର ସ୍ଥାନ ବଜାୟ ରଖିପାରିଛନ୍ତି । ଇଣ୍ଡିଆ ଟୁଡେର ଜାତୀୟସ୍ତରୀୟ ସର୍ଭେରୁ ଏହା ଜଣାପଡିଛି । ଦେଶର ଯେତେ ମୁଖ୍ୟମନ୍ତ୍ରୀ ଅଛନ୍ତି କାହା ସପକ୍ଷରେ ଅଧିକ ଲୋକପ୍ରିୟତା ରହିଥିବା ସଂକ୍ରାନ୍ତରେ ଇଣ୍ଡିଆ ଟୁଡେ ପୁନର୍ବାର ଦେଶବ୍ୟାପୀ ସର୍ଭେ କରିବା ପରେ ଫଳାଫଳ ଘୋଷଣା କରିଛି । ନବୀନଙ୍କ ପ୍ରତି ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ଯେଉଁ ପରିମାଣରେ ରହିଛି ଦେଶର ଅନ୍ୟ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପରେ ସେହି ରାଜ୍ୟର




ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ନ ଥିବା ସର୍ଭେ ଫଳାଫଳରୁ ଜଣାପଡିଛି । ସର୍ଭେରେ ନବୀନଙ୍କୁ ୭୧% ସମର୍ଥନ ମିଳିଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଦ୍ୱିତୀୟ ସ୍ଥାନରେ ରହି ୬୩% ସମର୍ଥନ ହାସଲ କରିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନଙ୍କୁ ଦେଶର ତୃତୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ସର୍ଭେରେ ଦର୍ଶାଯାଇଛି । ଷ୍ଟାଲିନଙ୍କୁ ସର୍ଭେରେ ୬୧% ସମର୍ଥନ ମିଳିଥିବା ଜଣାପଡିଛି ।

ଇଣ୍ଡିଆ ଟୁଡେର ପୂର୍ବ ସର୍ଭେରେ ନବୀନଙ୍କ ପ୍ରଦର୍ଶନକୁ ନେଇ ଯେଭଳି ସମର୍ଥନ ମିଳିଥିଲା ବର୍ତ୍ତମାନ ତାଠାରୁ ଅଧିକ ସମର୍ଥନ ମିଳିଥିବା ଦର୍ଶାଯାଇଛି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୋଇ ପ୍ରାୟ ସମୟରେ ଜାତୀୟସ୍ତରୀୟ ରାଜନୀତିକୁ ରୋଚକସ୍ଥିତିକୁ ଆଣୁଥିବା ଆମ ଆଦମୀ ପାର୍ଟିର ନେତା ଅରବିନ୍ଦ କେଜରିୱାଲଙ୍କୁ ସର୍ଭେରେ ମାତ୍ର ୭% ସମର୍ଥନ ମିଳିଥିବା ଦର୍ଶାଯାଇଛି । ସୂଚନାଯୋଗ୍ୟ, ନବୀନଙ୍କ ଲୋକପ୍ରିୟତାକୁ ବିଚାରକୁ ଅଣାଯିବା ବେଳେ ଚଳିତବର୍ଷ ଓଡ଼ିଶାରେ ହୋଇଥିବା ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳକୁ ଅନୁସନ୍ଧାନ କରାଯାଇଥିଲା ।

## ଏ ସଂଖ୍ୟାରେ..


ଶରୀର ହିତରେ ଡାଲଚିନି


ବହୁ ହିତକାରୀ ଆଖୁ


ଓଜନ କମାଏ ନାସପାତି


ଆଖିକୁ ସୁସ୍ଥ ରଖେ ଘିଅ


ଭୃଙ୍ଗରାଜର ଉପକାରିତା

# ରାଜ୍ୟର ପୁରପଲ୍ଲୀରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ











ସମ୍ବଲପୁର: ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ଅବସରରେ କୃତଜ୍ଞ ରାଜ୍ୟବାସୀ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସାଙ୍ଗକୁ ତାଙ୍କର ସାହିତ୍ୟ କୃତୀ ଉପରେ ବିଭିନ୍ନ ସ୍ଥାନରେ ଆଲୋଚନା କରିଛନ୍ତି । ରାଜ୍ୟର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ କ୍ଲବ ପକ୍ଷରୁ କବିଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏପରିକି ପଡୋଶୀ ରାଜ୍ୟ ଛତିଶଗଡ଼ରେ ମଧ ମେହେର ଜୟନ୍ତୀ ପାଳିତ ହୋଇଛି । ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱ ଦେଖ ମଧୁମୟ... ଧ୍ୱନିରେ ସମ୍ବଲପୁର ସହର ପ୍ରକମ୍ପିତ ହୋଇଛି । ସକାଳେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଭାତ ଫେରି କରାଯାଇଥିଲା । କବିଙ୍କ ଫଟୋଚିତ୍ର ନେଇ ସମାଜର ବିଭିନ୍ନ ବର୍ଗର ଲୋକମାନେ ସାମିଲ ହୋଇ କବିଙ୍କ ରଚିତ କବିତା ଗାନ କରିଥିଲେ । ସହରର ବିଭିନ୍ନ ଅଞ୍ଚଳରୁ ମହିଳାପୁରୁଷ, ଛାତ୍ରୀଛାତ୍ର ସମବେତ ହୋଇ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଧ୍ୱନି ଦେଇଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, କୁଳ ସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳ ସଚିବ ଡକ୍ଟର ଉମାଚରଣ ପତି, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ର, ସାଧାରଣ ସମ୍ପାଦକ 'ଡ. ସିଦ୍ଧାର୍ଥ ପଣ୍ଡା, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ କୁମାର ବାବୁ, ସମ୍ବଲପୁର କଳାପରିଷଦ କାର୍ଯ୍ୟକାରୀ ସଭାପତି' ପ୍ରଫୁଲ୍ଲ କୁମାର ହୋତା, ପବ୍ଲିକ ଲାଇବ୍ରେରୀ ସଭ୍ୟସଚିବ ରଘୁନାଥ ମିଶ୍ର, ହୀରାଖଣ୍ଡ ନାଗରିକ ପରିଷଦ ସଭାପତି ଡାକ୍ତର ଜୟଦେବ ମେହେର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ । କବିଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଏନ. ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ପ୍ରଫେସର ଚିନ୍ତାମଣି ଭାରତୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।






ମେହେର ଏସୋସିଏସ୍ ପକ୍ଷରୁ ସଭାପତି ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ପ୍ରଶାନ୍ତ କୁମାର ପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଶେଷରେ ସାଧାରଣ ସମ୍ପାଦକ ବିରଜା ଶଙ୍କର ହୋତା ଧନ୍ୟବାଦ ଦେଇଥିଲେ ।




ଓଡ଼ିଶା ସାଂସ୍କୃତିକ ସାମଜ ପକ୍ଷରୁ ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ-ବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟଅତିଥି ଓ ସାହିତ୍ୟିକ ଡକ୍ଟର ରଘୁନାଥ ମେହେର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

କବିଙ୍କ ଜନ୍ମପୀଠ ବରପାଲିରେ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ରୀତା ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କ୍ଲବର ସଭାପତି ଡକ୍ଟର ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ମେଜର ଚିନ୍ତାମଣି ଭାରତୀ,ବରପାଲି ନଗରପାଳ ଦିନେଶ ଗହୀର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶୁକମୁନି ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଥିବା ବେଳେ ଗଙ୍ଗାଧର ସାହିତ୍ୟର ବିଶିଷ୍ଟ ଗବେଷକ ତଥା ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମେହେର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ଭାଗବତ /// କଳିଯୁଗର ରାଜବଂଶର ବର୍ଣ୍ଣନା

ଭଗବାନଙ୍କୁ ସବୁବେଳେ ସାଙ୍ଗରେ ରଖିଥିବା ଆବଶ୍ୟକ । ପରମାତ୍ମାଙ୍କ ସାନ୍ନିଧ ସତତ ଅନୁଭବ କରୁଥିବା ଉଚିତ । ତୁକାରାମ କହୁଥିଲେ, "ମୋ ବଂଶ ନ ରହୁ ପଛେ ମୋତେ ଖାଦ୍ୟାଭାବ, ଉପବାସରେ ମରିବାକୁ ପଡୁ ପଛେ, ହେଲେ ପ୍ରଭୁ ମୋ ସାଥିରେ ସବୁବେଳେ ଥାଆନ୍ତୁ ।" ଉଦ୍ଧବ ବଦରିକାଶ୍ରମରେ ପହଞ୍ଚିଗଲେ । ଅଳକାନନ୍ଦାଙ୍କୁ ଦର୍ଶନ କରିବାମାତ୍ରେ ତାଙ୍କର ପାପ ତାପ ନଷ୍ଟ ହୋଇଗଲା । ତାଙ୍କର ମନ ଓ ସେ ନିଜେ ଶାନ୍ତ ହୋଇଗଲେ । ତାଙ୍କୁ ସଦ୍‌ଗତି ମିଳିଗଲା । ଉଦ୍ଧବ କୃତାର୍ଥ ହୋଇଗଲେ ।

ବ୍ୟାସଦେବ ସର୍ବପୁଣ୍ୟମୟୀ ଶ୍ରୀମଦ୍‌ଭାଗବତ ମହାପୁରାଣ ରଚନା କଲେ । ଶୁକଦେବ ଏହାକୁ ଋଷିସଂଘରେ ଉପସ୍ଥିତ ମହାରାଜ ପରୀକ୍ଷିତଙ୍କୁ ଶୁଣାଇଲେ । ଏହାପରେ ଶୁକଦେବ ଯଦୁବଂଶ ଧ୍ୱଂସ ପ୍ରସଙ୍ଗ କହିଛନ୍ତି ।

ଯଦୁକୁଳ ସମୁଦ୍ରକୂଳସ୍ଥ ପ୍ରଭାସକ୍ଷେତ୍ରରେ ନିଜ ନିଜ ମଧ୍ୟରେ ନିଶାଗ୍ରସ୍ତ ଅବସ୍ଥାରେ କଳହ କରି ଧ୍ୱଂସ ହୋଇଗଲା । ଭଗବାନ ବଳରାମ ଯୋଗାସନରେ ବସି ନିଜର ଆତ୍ମାକୁ ପରମାତ୍ମାଙ୍କ ସହିତ ଯୋଗ କରି ମନୁଷ୍ୟ ଶରୀର ତ୍ୟାଗ କରିଦେଲେ । ନିଜ ଲୀଳାରେ ଭଗବାନ ବ୍ୟାଧ ଜରାକୁ ପ୍ରେରିତ କରି ଜରାର ବାଣାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନର ନାଟକ ସାକାର କରିଦେଲେ । ଏହିଠାରେ ଦ୍ୱାରିକାଲୀଳାର ସମାପ୍ତି ଘଟିଛି ।

ଦ୍ୱାରିକାଲୀଳା ସମାପ୍ତି ସମୟରେ ପଣ୍ଢରପୁରରେ ପୁଣ୍ଡରୀକ ନାମକ ଜଣେ ଭକ୍ତ ଶିରୋମଣି ଥିଲେ । ତାଙ୍କୁ କୃତାର୍ଥ କରିବା ପାଇଁ ଦ୍ୱାରିକାନାଥ ବିଠଲନାଥ ହେଲେ । ବିଠଲ ନାଥ ଶ୍ରୀକୃଷ୍ଣ ଗୋଟିଏ ଇଟା ଉପରେ ଗୋଡ଼ରଖି ଅଣ୍ଟାରେ ହାତ ଭରାଦେଇ ଦଣ୍ଡାୟମାନ ହୋଇଥିବା ଦେଖିବାକୁ ମିଳେ । ସେ ତାଙ୍କ ଅଣ୍ଟାରେ ହାତ ଭରାଦେଇ ଏହି କଥା ସୂଚିତ କରୁଛନ୍ତି ଯେ ତାଙ୍କ ଶରଣ ଗ୍ରହଣକାରୀଙ୍କ ପାଇଁ ସଂସାର ଅଣ୍ଟା ପର୍ଯ୍ୟନ୍ତ ହିଁ ହୋଇଥାଏ । ଆଉ ସେତିକି ମାତ୍ର ଜଳରେ କେହି ବୁଡ଼ି ମରନ୍ତି ନାହିଁ । ଭଗବାନଙ୍କର ସଂସାରୀ ଲୋକଙ୍କୁ ଅନ୍ତିମ ଉପଦେଶ ହେଉଛି, ନିଜର ସମସ୍ତ ପାପର ପ୍ରାୟଶ୍ଚିତ୍ତ କରି ମୋ ଶରଣ ଗ୍ରହଣ କଲେ ସଂସାର ସାଗର ସହଜରେ ପାରି ହୋଇଯାଏ ।'

ଶ୍ରୀକୃଷ୍ଣ ହେଉଛନ୍ତି ସାକ୍ଷାତ୍ ପରମାତ୍ମା । ସେ ପୁଣ୍ଡରୀକଙ୍କ ପାଇଁ ଦ୍ୱାରିକାରୁ ପଣ୍ଢରପୁର ପର୍ଯ୍ୟନ୍ତ ଚାଲି ଚାଲି ଯାଇଥିଲେ । ସେ ଏବେ ବି ପଣ୍ଢରପୁରରେ ବିଦ୍ୟମାନ ଅଛନ୍ତି । ବିଠଲନାଥଙ୍କ ଗୁଣାବଳୀ କିଏ ବର୍ଣ୍ଣନା କରିପାରିବ । ଶ୍ରୀ ଶୁକଦେବ ଅନ୍ତିମ ଉପଦେଶ ଯାହା ସେ ମହାରାଜ ପରୀକ୍ଷିତଙ୍କୁ ଦେଇଛନ୍ତି- ହେ ପରୀକ୍ଷିତ । ଯେଉଁ ମଣିଷ ଏହିଭଳି ଭକ୍ତଭୟହାରୀ ନିଖିଳ ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟନିଧି ଶ୍ରୀକୃଷ୍ଣଚନ୍ଦ୍ରଙ୍କ ଅବତାର-ସମ୍ବନ୍ଧୀ ରୁଚିର ପରାକ୍ରମ ଓ ଏହି ଶ୍ରୀମଦ୍‌ଭାଗବତ ମହାପୁରାଣ ତଥା ଅନ୍ୟ ପୁରାଣ ବର୍ଣ୍ଣିତ ପରମାନନ୍ଦମୟୀ ବାଳଲୀଳା, କୈଶୋର ଲୀଳା ଆଦିର ସଂକୀର୍ତ୍ତନ କରୁଥାଏ, ସେ ପରମହଂସ ମୁନିମାନଙ୍କ ଅନ୍ତିମ ପ୍ରାପ୍ତବ୍ୟ ଶ୍ରୀକୃଷ୍ଣଙ୍କ



ଚରଣରେ ପରାଭକ୍ତି ଲାଭ କରିଥାଏ ।

ଦ୍ୱାଦଶ ସ୍କନ୍ଧରେ ଆଶ୍ରୟ ଲୀଳା ଅଛି । ଭଗବାନଙ୍କ ପ୍ରତିପାଦ୍ୟ ତତ୍ତ୍ୱ ହେଉଛି ଆଶ୍ରୟ ।

ମହାରାଜ ପରୀକ୍ଷିତ ଶୁକଦେବଙ୍କୁ ପଚାରିଲେ, "ଏବେ ପୃଥିବୀର ରାଜା କିଏ ହେବେ ? ଶୁକଦେବ କହିଲେ, "ଜରାସନ୍ଧଙ୍କ ପିତା ବୃହଦ୍ରଥ ବଂଶର ଅନ୍ତିମ ରାଜା ହେବେ ପୁରଞ୍ଜୟ । ତାଙ୍କର ମନ୍ତ୍ରୀଙ୍କ ନାମ ହେବ ଶୁନକ । ସେ ତାଙ୍କ ସ୍ୱାମୀଙ୍କୁ ବଧକରି ନିଜର ପୁତ୍ର ପ୍ରଦ୍ୟୋତଙ୍କୁ ରାଜସିଂହାସନରେ ବସାଇବ । ପରବର୍ତ୍ତୀ କାଳରେ ଏହି ଭାରତଖଣ୍ଡରେ ନନ୍ଦ, ଚନ୍ଦ୍ରଗୁପ୍ତ, ଅଶୋକ ଆଦି ରାଜା ହେବେ । ଏହାଙ୍କ ପରେ ଆଠ ଯବନ ତଥା ଦଶ ଗୋରା ରାଜା ରାଜ୍ୟ କରିବେ ।

ପ୍ରଥମେ ପ୍ରଦ୍ୟୋତ ବଂଶର ପାଞ୍ଚ ନରପତି ୧୩୮ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଉପଭୋଗ କରିବେ । ଏହି ବଂଶର ନାମ ହେବ ପ୍ରଦ୍ୟୋତନ । ଏହାପରେ ଶିଶୁନାଗ ବଂଶର ୧୦ଜଣ ରାଜା ହେବେ । ଏମାନେ ସମସ୍ତେ ମିଶି ସମୁଦାୟ ୩୬୦ ବର୍ଷ ପର୍ଯ୍ୟନ୍ତ ପୃଥ୍ୱୀ ଶାସନ କରିବେ । ଏହାପରେ ନନ୍ଦ ବଂଶ ରାଜୁତି କରିବେ । ମହାପଦ୍ମ ଉପାଧିଧାରୀ ଏହି ନନ୍ଦବଂଶୀ ରାଜାମାନେ କ୍ଷତ୍ରିୟ ବଂଶକୁ ଧ୍ୱଂସ କରିବେ । ଏହାପରଠାରୁ ପୃଥିବୀର ଶାସକ ଶୂଦ୍ର ଓ ଅଧାର୍ମିକମାନେ ହେବେ । ଶୂଦ୍ର ପ୍ରାୟଃଅଧାର୍ମିକ । ପରଶୁରାମ ଯେପରି ଏକଦା କ୍ଷତ୍ରିୟ ବଂଶ ଧ୍ୱଂସ କରିଥିଲେ, ଠିକ୍ ସେହିଭଳି ଏହି ଅଧାର୍ମିକ ଶୂଦ୍ରରାଜା କ୍ଷତ୍ରିୟ ବଂଶ ଧ୍ୱଂସ କରିବେ । ଏହି ବଂଶ ୧୦୦ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଉପଭୋଗ କରିବେ ।

କୌଟିଲ୍ୟ, ବାତ୍ସାୟନ, ତଥା ଚାଣକ୍ୟ ନାମରେ ପ୍ରସିଦ୍ଧ ଜଣେ ବ୍ରାହ୍ମଣ ବିଶ୍ୱବିଖ୍ୟାତ ନନ୍ଦ ଓ ତାଙ୍କର ସୁମାଲ୍ୟ ଆଦି ଆଠ ପୁତ୍ରଙ୍କୁ ନାଶ କରିପକାଇବେ । ଏହାପରେ ମୌର୍ଯ୍ୟବଂଶ ପୃଥ୍ୱୀପତି ହେବେ । ସେହି ବ୍ରାହ୍ମଣ (ଚାଣକ୍ୟ) ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ରାଜଗାଦିରେ ପ୍ରଥମେ ବସାଇବେ । ଚନ୍ଦ୍ରଗୁପ୍ତଙ୍କ ପରେ ବାରିସାର (ବିମ୍ବିସାର) ଓ ଏହାଙ୍କ ପରେ ଅଶୋକବର୍ଦ୍ଧନ ରାଜା ହେବେ ।

ଏହିପରି ମୌର୍ଯ୍ୟବଂଶର ଦଶଜଣ ନରପତି କଳିଯୁଗରେ ୧୩୭ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଶାସନ କରିବେ । ଏହାପରେ ଶୁଙ୍ଗବଂଶର ଦଶଜଣ ରାଜା ୧୧୨ ବର୍ଷ ପର୍ଯ୍ୟନ୍ତ ରାଜାହେବେ । ଶୁଙ୍ଗବଂଶୀଙ୍କ ପରେ କଣ୍ୱବଂଶୀ ରାଜାମାନଙ୍କ ହାତକୁ ପୃଥିବୀ ପଳାଇଯିବ । କଣ୍ୱବଂଶୀ ଚାରିଜଣ ରାଜା ୩୪୫ ବର୍ଷ ରାଜ୍ୟ ଶାସନ କରିବେ । ଏହାପରେ ବଳୀ ବଂଶର ରାଜାମାନେ ୪୫୬ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଭୋଗ କରିବେ । ଏହାପରେ ପୃଥ୍ୱୀ ଶାସନ କରିବେ ଅବଭୃତି ନଗରୀର ସାତ ଜଣ ଆଭୀର, ଦଶ ଗର୍ଦ୍ଦଭୀ ଓ ଷୋହଳ ଜଣ କଙ୍କ । ଏମାନେ ସମସ୍ତେ ପ୍ରଚଣ୍ଡ ଲୋଭୀ ହେବେ । ଏହାଙ୍କ ପରେ ଆଠ ଜଣ ଯବନ, ଚଉଦ ଜଣ ତୁର୍କ ରାଜ୍ୟ କରିବେ । ଏହାପରେ ଦଶ ଗୁରୁଣ୍ଡ ଓ ଏଗାର ଜଣ ମୌନ ନରପତି ହେବେ । ମୌନଙ୍କୁ ଛାଡ଼ି ଏମାନେ ୧୦୯୯ ବର୍ଷ ଓ ୧୧ ମୌନ ରାଜା ୩୦୦ ବର୍ଷ ପର୍ଯ୍ୟନ୍ତ ପୃଥ୍ୱୀ ଅକ୍ତିଆର କରିବେ । ଏହାପରେ କିଳିକିଳା ନଗରୀର ଭୂତନନ୍ଦଙ୍କର ବଂଶଧରମାନେ ୧୦୬ ବର୍ଷ ପର୍ଯ୍ୟନ୍ତ ରାଜୁତି କରିବେ । ଘୋର କଳିଯୁଗ ଆସୁଥିବା ବେଳେ ବ୍ରାହ୍ମଣଗଣ ସଂସ୍କାରଶୂନ୍ୟ ହୋଇଯିବେ, ରାଜାମାନେ ଶୂଦ୍ରତୁଲ୍ୟ ହୋଇଯିବେ ।

ସିନ୍ଧୁତଟ, ଚନ୍ଦ୍ରଭାଗାର ତଟବର୍ତ୍ତୀ ପ୍ରଦେଶ, କୌନ୍ତୀପୁରୀ ଓ କାଶ୍ମୀରମଣ୍ଡଳରେ ପ୍ରାୟ ଶୂଦ୍ର, ସଂସ୍କାର ଓ ବ୍ରହ୍ମତେଜହୀନ ନାମମାତ୍ରକ ଦ୍ୱିଜ ଓ ମ୍ଳେଚ୍ଛ ରାଜ୍ୟ କରୁଥିବେ ।

ଏହି ରାଜାମାନଙ୍କର ପ୍ରକୃତି କିପରି ଥିବ ଏମାନେ ମ୍ଳେଚ୍ଛଙ୍କ ଭଳି ପ୍ରକୃତିର ହୋଇଥିବେ । ମିଥ୍ୟାବାଦୀ, ଅଧାର୍ମିକ ଓ ଲୋଭୀ ସ୍ୱାର୍ଥପର ହୋଇଥିବେ । ସ୍ତ୍ରୀ ବାଳଗୋଦ୍ୱିଜଘ୍ନାଶ୍ଚ ପରଦାରଧନାଦୃତ ହୋଇଥିବେ । ଅର୍ଥାତ୍, ସ୍ତ୍ରୀ, ବାଳ, ବ୍ରାହ୍ମଣ ଦ୍ୱିଜ ଆଦି ବଧ କରିବା ପାଇଁ ଆଦୌ କୁଣ୍ଠିତ ହେଉ ନଥିବେ ଓ ଅନ୍ୟର ସ୍ତ୍ରୀ, ଧନ ଆଦି ହରଣ-ତତ୍ପର ଥିବେ । ଏମାନେ କ୍ଷଣକୋପୀ ଓ କପଟୀ ହୋଇଥିବେ । ଏମାନଙ୍କର ପରମ୍ପରାଗତ ସଂସ୍କାର ନଥିବ ଏବଂ ଏମାନେ କର୍ତ୍ତବ୍ୟ-କର୍ମ ପାଳନ କରୁ ନଥିବେ । ଶାସକମାନେ ପ୍ରଜାଶୋଷକ ଓ ଭାଷଣ ପ୍ରିୟ ହେବେ । ଏମାନେ ନିଜ ନିଜ ଭିତରେ ଝଗଡ଼ା କରିବେ ।

## ଅମୃତ ମହୋତ୍ସବ ମନାଇବା

### ମମତା ନାଥ

ଭାରତଭୂମି ଜନ୍ମଭୂମି ସ୍ୱର୍ଗଠାରୁ ବଡ଼
ତାହାରି କୋଳରେ ମଥାନଇଁ କରିବା ଜୟକାର
ଏହି ଦେଶରେ ଜନ୍ମିଥିଲେ କେତେ ବୀର, ଗୁଣୀ, ଜ୍ଞାନୀ
ସବୁରି ମନରେ ଏକତାର ଭାବ ଆଣିଦେଲା
ତ୍ରିରଙ୍ଗା ପତାକାର ବାଣୀ ।
୭୫ ବର୍ଷର ଭାରତୀୟ ସଂସ୍କୃତି ଏବେବି ବଞ୍ଚିଛି
ଲକ୍ଷ୍ମୀବାଈ, ଶିବାଜୀ, ଭଗତସିଂହ, ମଙ୍ଗଳପାଣ୍ଡେଙ୍କ କଥା
ଯୁଗେ ଯୁଗେ ରହି ଆସିଛି ।
ଏହି ମହୋତ୍ସବ ଦେଶଲାଗି ଜ୍ଞାନର ଦୀପ ଜାଳିଛି
ତ୍ୟାଗ, ବଳିଦାନ ପାଇଁ ଭାରତୀୟଙ୍କ ସଂସ୍କୃତିରେ
କିଛି ସନ୍ଦେଶ ଆସିଛି ।
ପୁରୁଣା ସଂସ୍କୃତିକୁ ଚେତେଇ ଦେଇ ଗଢ଼ିବା ସୁନାର ଭାରତ
ଏକତାରେ ବଞ୍ଚିବା ଭାଷା ସଂସ୍କୃତିର ଜାବୋଡ଼ି ଧରି
ଆମେ ଭାରତୀୟ ନା ବୋଲିବା ।
ସୁଳଳି କିରଣ ସୂର୍ଯ୍ୟାଲୋକରେ ହେବା ଉଦଭାଷିତ
ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରିନେବା
ଅମୃତ ବେଳାର ମହୋତ୍ସବ ।
ଲୁଚିଥିଲା କେଉଁ ଅନ୍ଧାରି କୋଣରେ, ଆଲୋକର ସନ୍ଧାନ
ଡେଇଁ ଉଠିଛି ସ୍ୱାଭିମାନ ବଞ୍ଚିଛି, ସୁନାର ଦେଶ ଗଢ଼ି ଉଠିଛି
ଅମୃତ ସନ୍ତାନ ହୋଇ ସ୍ୱାଧୀନତା ପାଇ ଦେଶପ୍ରେମ ଗୀତଗାଇ
କହିବା ଯାହା ନାହିଁ ଭାରତେ ତାହା ନାହିଁ ଜଗତେ
ଅତୀତର ପାଣ୍ଡୁଲିପିକୁ ପାଥେୟ କରି ସ୍ୱର୍ଣ୍ଣ ଲିପିରେ
ସୁନାର ଦେଶ ଗଢ଼ିବା
ସ୍ୱାଧୀନତାର ଅମୃତ ପିଇ, ଅମୃତ ମହୋତ୍ସବ ମନାଇବା ।

ନନ୍ଦପଡ଼ା, ସମ୍ବଲପୁର

## ଶରୀର ହିତରେ ଡାଲ୍‌ଚିନି

ଡାଲଚିନି କେବଳ ଗରମ ମସଲା ନୁହେଁ କି ମୁଖ ବିଳାସ ନୁହେଁ । ଏଥିରେ ଥିବା ଦ୍ରବ୍ୟ ଗୁଣରେ ଶରୀରର ଉପକାର ହୋଇଥାଏ । ଯଦି ଆପଣଙ୍କୁ ଥକ୍କା ଲାଗୁଥିବ ତେବେ ଡାଲଚିନି ମିଶ୍ରିତ କ୍ଷୀର ଆପଣଙ୍କୁ ଆରାମ ଦେବ ।

ରାତିରେ ଗରମ କ୍ଷୀର ପିଇଲେ ଭଲ ନିଦ ଆସିଥାଏ । ଏଥିରେ ଆମିନୋ ଏସିଡ୍ ଥାଏ, ଯାହା ମସ୍ତିଷ୍କକୁ ଶାନ୍ତ କରି ଭଲ ନିଦ ହେବାରେ ସାହାଯ୍ୟ କରିଥାଏ । ପୁଣି ଯଦି ଏଥିରେ ଡାଲଚିନି କିମ୍ବା ମହୁ ମିଶାଇବେ ତେବେ ଏହାର ଆଣ୍ଟିବ୍ୟାକ୍ଟେରିଆ ଗୁଣ ବଢ଼ିଯିବ । ଏହା ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଏବଂ ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରିବ । ଏହା ମଧ୍ୟ ଶରୀରର ମୋଟାପଣ ଦୂର କରିବାରେ ସହାୟକ ହେବ ।

ସୁନିଦ୍ରା ପାଇଁ: ଯଦି ଆପଣଙ୍କୁ ଠିକ୍ ଭାବେ ନିଦ ହେଉ ନ ଥାଏ ତେବେ କ୍ଷୀରରେ ଡାଲଚିନି ଗୁଣ୍ଡ ଗୋଳାଇ ପିଅନ୍ତୁ । ଏହା ନିଦ



ଆସିବାରେ ସାହାଯ୍ୟ କରିବ ।

ମଜଭୁତ ହାଡ଼ ପାଇଁ: ଡାଲଚିନି ମିଶ୍ରିତ କ୍ଷୀରରେ ମହୁ ମିଶାଇ ପିଇଲେ ହାଡ଼ ମଜଭୁତ ରହିଥାଏ । ବିଶେଷଜ୍ଞଙ୍କ ମତରେ ପ୍ରତ୍ୟହ ଏପରି କ୍ଷୀର ପିଇଲେ ଗଣ୍ଠିଗତ ସମସ୍ତ ସମସ୍ୟା ଦୂର ହୋଇଥାଏ ।

ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି: ନିୟମିତ ଡାଲଚିନି ମିଶ୍ରିତ କ୍ଷୀର ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବହୁ ପୁରାତନ କାଳରୁ ଏହା ଅନୁସୃତ । ସେଥିପାଇଁ ପିଲାଙ୍କୁ ଶୋଇବା ପୂର୍ବରୁ କ୍ଷୀରରେ ଡାଲଚିନି ଗୁଣ୍ଡ ମିଶାଇ ଦେଲେ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ହୋଇଥାଏ ।

ପାଚନ ହେବାରେ ସାହାଯ୍ୟ କରେ: ଯଦି ଆପଣ ଠିକ୍ ଭାବେ ହଜମ କରିପାରୁ ନାହାନ୍ତି, ଡାଲଚିନି ମିଶ୍ରିତ କ୍ଷୀର ପିଅନ୍ତୁ । ଏଥିରେ ଫାଇଦା ହୋଇଥାଏ ।

ଗଳା ଖସ୍ ଖସ୍ ହେବା: ଡାଲଚିନି ଗଳା ଯନ୍ତ୍ରଣାକୁ ଦୂର କରିଥାଏ । କ୍ଷୀର ଗରମ କରି ସେଥିରେ ଡାଲଚିନି ପକାନ୍ତୁ ଏବଂ ଏହାକୁ ଛାଣିକରି ପିଅନ୍ତୁ । ଦେଖିବେ ଗ୍ୟାସ ସମସ୍ୟା ଦୂର ହୋଇଯିବ ।

ସୁନ୍ଦର କେଶ ଓ ତ୍ୱଚା: ଡାଲଚିନି ମିଶ୍ରିତ କ୍ଷୀର ପିଇଲେ ତ୍ୱଚା ଓ କେଶ ସହିତ ଜଡିତ ସମସ୍ତ ସମସ୍ୟା ଦୂର ହୋଇଥାଏ । ତ୍ୱଚାରେ ସଂକ୍ରମଣ ହେଇ ନ ଥାଏ ।

# ଶ୍ରଦ୍ଧାର ଶକ୍ତି ଅପାର

କୁହାଯାଏ ଯେ ଶ୍ରଦ୍ଧାରେ ଅପାର ଶକ୍ତି ରହିଛି । ସଚ୍ଚା ଶ୍ରଦ୍ଧା ଥିଲେ ସାଧକ ସବୁ କିଛି ପ୍ରାପ୍ତ କରିନିଏ ଏବଂ ଶ୍ରଦ୍ଧାର ଅଭାବରେ ସମସ୍ତ ଧର୍ମ-ଅନୁଷ୍ଠାନ, ପୂଜା-ଉପାସନା, ଦେବପୂଜନ, ଗୁରୁପୂଜନ କେବଳ ଆଡ଼ମ୍ବର ଓ ପ୍ରବଞ୍ଚନା ହୋଇ ରହିଯାଏ । ଆଡ଼ମ୍ବର ଦ୍ୱାରା, ପ୍ରବଞ୍ଚନା ଦ୍ୱାରା ଅହଂକାରର ତୁଷ୍ଟି-ପୁଷ୍ଟି ହିଁ ହୋଇପାରେ । ତଦ୍ୱାରା ସାଧକକୁ ଆଉ କିଛି ହସ୍ତଗତ ହୋଇ ନ ଥାଏ, କିନ୍ତୁ ଶ୍ରଦ୍ଧା ଥିଲେ ସାଧକର ଜୀବନ ପ୍ରତ୍ୟେକ ଦୃଷ୍ଟିରୁ କୃତାର୍ଥ ହୋଇଯାଏ ।

ସାଧକର ଜୀବନ ସମସ୍ତ ସୁଖ, ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟରେ ଭରିଯାଏ । ଏଥିପାଇଁ ସାଧନାରେ ଶ୍ରଦ୍ଧାର ବିଶେଷ ମହତ୍ତ୍ୱ ରହିଛି । ଶ୍ରଦ୍ଧା ସେହି ଅଟଳ ନିଷ୍ଠା, ଯାହା ଜଣେ ସାଧକର ହୃଦୟରେ ନିଜର ଆରାଧ୍ୟଙ୍କ ପାଇଁ ହୋଇଥାଏ, ଭଗବାନଙ୍କ ପାଇଁ ହୋଇଥାଏ, ଇଷ୍ଟଦେବଙ୍କ ପାଇଁ ହୋଇଥାଏ, ଗୁରୁ ରୂପ ଭଗବାନଙ୍କ ପାଇଁ ହୋଇଥାଏ ।

ଶ୍ରଦ୍ଧା ସାଧକର ଆରାଧ୍ୟଙ୍କ ପ୍ରତି ଦୃଢ଼ ବିଶ୍ୱାସ ଅଟେ ଏବଂ ବିଶ୍ୱାସ ଦ୍ୱାରା ହିଁ ପ୍ରେମ ଉତ୍ପନ୍ନ ହୋଇଥାଏ । ସାଧକର, ଉପାସକର, ଭକ୍ତର, ଶିଷ୍ୟର-ନିଜର ଆରାଧ୍ୟ, ନିଜର ଭଗବାନ, ନିଜର ଗୁରୁଙ୍କ ପ୍ରତି ପରମ ପ୍ରେମ, ନିଷ୍କାମ ପ୍ରେମ, ଶ୍ରଦ୍ଧା-ବିଶ୍ୱାସରୁ ହିଁ ନିଃସୃତ ହୋଇଥାଏ, ପ୍ରସ୍ଫୁଟିତ ହୋଇଥାଏ । ଶ୍ରଦ୍ଧା ନ ଥିଲେ, ବିଶ୍ୱାସ ନ ଥିଲେ ପୁଣି ପ୍ରେମ କିପରି ?

ଶ୍ରଦ୍ଧାରେ ସେହି ଚୁମ୍ବକୀୟ ଶକ୍ତି ନିହିତ, ଯଦ୍ୱାରା ସାଧକ ନିଜର ଆରାଧ୍ୟ, ନିଜର ଭଗବାନ, ନିଜର ଗୁରୁଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଏବଂ ତାଙ୍କୁ ନିଜ ଉପରେ କୃପା ବର୍ଷାଇବା ପାଇଁ ବିବଶ କରି ଦେଇଥାଏ । ଯେପରି ଘନ ଜଙ୍ଗଲ ପର୍ବତମାଳାଗୁଡ଼ିକ ମେଘକୁ ଆକର୍ଷିତ କରି ରଖିବାକୁ ବିବଶ କରିଦିଏ, ସେପରି ସାଧକ, ଶିଷ୍ୟ, ଭକ୍ତ ନିଜର ଶ୍ରଦ୍ଧା ଦ୍ୱାରା, ପ୍ରେମ ଦ୍ୱାରା ଭଗବାନଙ୍କୁ, ଗୁରୁଙ୍କ କୃପା ବର୍ଷାଇବା ପାଇଁ ବିବଶ କରିଦିଏ ।

ସୁର, ତୁଳସୀ, କବୀର, ରୈଦାସ, ମୀରା, ଶଙ୍କର, ଧ୍ରୁବ, ପ୍ରହ୍ଲାଦ ଆଦି ଶ୍ରଦ୍ଧା ବଳରେ ହିଁ ଉଚ୍ଚ ଆଧ୍ୟାତ୍ମିକ ଉପଲବ୍ଧିକୁ ପ୍ରାପ୍ତ କରିଥିଲେ । ଅନ୍ୟ ପକ୍ଷରେ ଶ୍ରଦ୍ଧା ଅଭାବରୁ ଅଗଣିତ ସାଧକଙ୍କ ବର୍ଷ ବର୍ଷର ସାଧନା ନିଷ୍ଫଳ ହୋଇଥାଏ । ନିଜର ଗୁରୁ, ନିଜର ଆରାଧ୍ୟ, ନିଜର ଇଷ୍ଟଦେବ, ନିଜର ଭଗବାନଙ୍କ ପ୍ରତି ଶଙ୍କା, ସନ୍ଦେହ ସାଧନାକୁ ନିଷ୍ଫଳ କରିଦିଏ । ଶ୍ରଦ୍ଧା ତ ସେହି ବିଦ୍ୟୁତ୍ ଧାରା, ଯାହା ସାଧକର ତନ୍ତୁ, ମନ, ହୃଦୟ ଓ ଆତ୍ମାରେ ନିଜର ଆରାଧ୍ୟଙ୍କ ପାଇଁ ସଦାବେଳେ ପ୍ରବାହିତ ହୋଇଥାଏ । ଶ୍ରଦ୍ଧାର ସେହି ବିଦ୍ୟୁତୀୟ ଶକ୍ତି ଦ୍ୱାରା ହିଁ ସାଧକ ସିଧା ଆରାଧ୍ୟଙ୍କ ସହିତ, ଭଗବାନଙ୍କ ସହିତ, ଗୁରୁଙ୍କ ସହିତ ଯୋଡ଼ି ହୋଇଯାଏ, ତା'ର ଆତ୍ମଜ୍ୟୋତି ଝଟକି ଉଠିଥାଏ । ତା'ର ଅନ୍ତଃକରଣରେ ଦୈବୀ ଆଲୋକ ଅବତରଣ କରିଥାଏ ଏବଂ ସେହି ଅଲୌକିକ ଆଲୋକରେ ବାସ କରି ଜୀବ ପ୍ରତିକ୍ଷଣ ଆତ୍ମବିଭୋର ହୋଇଥାଏ । ଶ୍ରଦ୍ଧା ହିଁ କରୁଣା, ପ୍ରେମ ଓ ସମ୍ବେଦନା ହୋଇ ସାଧକର ହୃଦୟ ଓ ଆତ୍ମାରେ ପ୍ରବାହିତ ହୋଇଥାଏ । ଫଳ ସ୍ୱରୂପ ତା'ର ଦୃଷ୍ଟି ପ୍ରେମ ଦୃଷ୍ଟିରେ ପରିଣତ ହୋଇଯାଏ । ସେ ଜୀବ ମାତ୍ରଙ୍କୁ କରୁଣା ଓ ପ୍ରେମଭରା ଦୃଷ୍ଟିରେ ଦେଖୁଥାଏ ଏବଂ ତଦନୁରୂପ ଜୀବନ-ବ୍ୟବହାର କରି ସର୍ବଦା ଅନନ୍ଦରେ ରହିଥାଏ ।

ଶ୍ରଦ୍ଧା ଦ୍ୱାରା ହିଁ ସାଧକର ଆତ୍ମବିସ୍ତାର ହୋଇଯାଏ, ଶ୍ରଦ୍ଧା, ପ୍ରେମ, କରୁଣା, ସଂବେଦନାରେ ପରିପୂର୍ଣ୍ଣ ତା'ର ହୃଦୟ ସାଗର ହୋଇ ତରଙ୍ଗାୟିତ ହୋଇଥାଏ, ଯାହା ମଧ୍ୟରେ ବୁଡ଼ ପକାଇ ସାଧକ ସାଧନାର ନିତ୍ୟ ନୂତନ ସୋପାନ ଚଢ଼ିଥାଏ ସେ ଶିବ ଭାବରେ ଜଗତକୁ ଦେଖୁଥାଏ । ତାକୁ ସର୍ବତ୍ର ମଙ୍ଗଳ ହିଁ ମଙ୍ଗଳ, କଲ୍ୟାଣ ହିଁ କଲ୍ୟାଣ, ଆନନ୍ଦ ହିଁ ଆନନ୍ଦ ଦୃଷ୍ଟିଗୋଚର ହୋଇଥାଏ । ସେ ଯେଉଁଠି ବି ରହିଥାଏ । ସେଠାରେ ସୁଖ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଆନନ୍ଦ, କଲ୍ୟାଣ, ମଙ୍ଗଳ ଆଦି ବାଣ୍ଟିଥାଏ ।

ସେ ଏହି ଜଗତକୁ ପ୍ରଭୁଙ୍କ ଲୀଳାଭୂମି ମାନି ନିଷ୍କାମ ଭାବରେ କର୍ମ କରିଥାଏ, ଜନ୍ମ-ମରଣର ବନ୍ଧନକୁ ଭାଙ୍ଗି ଦେଇଥିବା ସେହି ସାଧକ ପାଇଁ ତ ମୋକ୍ଷ, ମୁକ୍ତି, ସମାଧି, କୈବଲ୍ୟ ତା'ର ସହଚର ହୋଇ ତା' ପଛେ ପଛେ ଘୁରିଥାଏ । ତା'ର ଶ୍ରଦ୍ଧା ତାକୁ ସବୁ କିଛି ପ୍ରାପ୍ତ କରାଇ ଦିଏ । ତାହାକୁ ପାଇବା ପାଇଁ ସେ ଅନ୍ୟ କୌଣସି ଅତିରିକ୍ତ ପ୍ରୟାସ କରି ନ ଥାଏ ।

ଶ୍ରଦ୍ଧା କାରଣରୁ ହିଁ ରୈଦାସଙ୍କ କାଠୁଆରୁ ଗଙ୍ଗା ଉଛୁଳି ଉଠିଥିଲେ, ମୀରାଙ୍କ ଗିରିଧର ଗୋପାଳ ତାଙ୍କ ସହିତ ପ୍ରେମାଳାପ କରୁଥିଲେ, ତୁଳସୀଙ୍କ ରାମ ତାଙ୍କ ହାତରୁ ଚନ୍ଦନ ଲଗାଉଥିଲେ, ସୁରଙ୍କ କୃଷ୍ଣ ତାଙ୍କର ହାତ ଧରି ବାଟ କଢ଼ାଉଥିଲେ, ଧ୍ରୁବ ଉପରେ ନାରାୟଣ ନିଜର ବାତ୍ସଲ୍ୟ ଦେବାକୁ ପ୍ରକଟ ହୋଇଥିଲେ, ପ୍ରହ୍ଲାଦ କହିବା ମାତ୍ରେ ନାରାୟଣ ଖମ୍ବରୁ ପ୍ରକଟ ହୋଇଯାଇଥିଲେ, ଶ୍ରୀରାମକୃଷ୍ଣଙ୍କ ହାତରୁ ମା' କାଳୀ ଭୋଗ ଗ୍ରହଣ କରୁଥିଲେ । ଏ ସବୁ ଶ୍ରଦ୍ଧାର ହିଁ ଚମତ୍କାର ଥିଲା- ଏପରି ଅଗଣିତ ଉଦାହରଣ ଆମକୁ ଶାସ୍ତ୍ରଗୁଡ଼ିକରେ ଦେଖିବାକୁ ମିଳେ ।

ଶିଷ୍ୟ ମଧ୍ୟରେ ଶ୍ରଦ୍ଧା ଥିଲେ ସେ ଚନ୍ଦ୍ର ଭଳି ଚମକି ଉଠେ । ଶ୍ରଦ୍ଧା ଦ୍ୱାରା ହିଁ ଶିଷ୍ୟର, ସାଧକର- ନିଜ ଗୁରୁ, ନିଜ ଭଗବାନଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ ହୋଇଥାଏ ଏବଂ ପୂର୍ଣ୍ଣ ସମର୍ପଣ ହେବା କ୍ଷଣି ତାକୁ ନିଜ ଅନ୍ତଃକରଣରେ ହିଁ, ଆତ୍ମାରେ ହିଁ ପରମାତ୍ମାଙ୍କ ଦର୍ଶନ ହେବାରେ ଲାଗେ । ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି -

ବନ୍ଦେ ବୋଧମୟଂ ନିତ୍ୟଂ ଗୁରୁଂ ଶଙ୍କର ରୂପିଣମ୍ ।
ଯମାଶ୍ରିତୋ ହି ବକ୍ରୋଽପି ଚନ୍ଦ୍ର ସର୍ବତ୍ର ବନ୍ଦ୍ୟତେ ।

ଅର୍ଥାତ୍ ମୁଁ ଜ୍ଞାନମୟ, ନିତ୍ୟ, ଶଙ୍କର ରୂପୀ ଗୁରୁଙ୍କ ବନ୍ଦନା କରୁଛି, ଯାହାଙ୍କର ଆଶ୍ରିତ ହେବା ଦ୍ୱାରା ବକ୍ର ଚନ୍ଦ୍ର ମଧ୍ୟ ସର୍ବତ୍ର ବନ୍ଦିତ ହୋଇଥାଏ । ସେହି ପ୍ରକାର ଯଦି ଶ୍ରଦ୍ଧା ନ ରହେ ତ ସାଧକ ହିଁ ନୁହେଁ, ବଡ଼ ସିଦ୍ଧଜନ ମଧ୍ୟ ନିଜର ଅନ୍ତଃକରଣରେ ସ୍ଥିତ ଈଶ୍ୱରଙ୍କୁ ଦେଖି ପାରି ନଥାନ୍ତି । ଏହି ସତ୍ୟକୁ ହିଁ ପ୍ରକାଶିତ କରି ଗୋସ୍ୱାମୀ ତୁଳସୀଦାସଜୀ ଲେଖିଛନ୍ତି —

ଭବାନୀଶଙ୍କରୌ ବନ୍ଦେ ଶ୍ରଦ୍ଧାବିଶ୍ୱାସ ରୂପିଣୌ ।
ଯାଭ୍ୟାଂ ବିନା ନ ପଶ୍ୟନ୍ତି ସିଦ୍ଧାଃ ସ୍ୱାନ୍ତଃସ୍ଥମୀଶ୍ୱରମ ।

ଅର୍ଥାତ୍- ମୁଁ ଶ୍ରଦ୍ଧା ଓ ବିଶ୍ୱାସ ସ୍ୱରୂପ ମା' ପାର୍ବତୀ ଓ ଭଗବାନ ଶଙ୍କରଙ୍କୁ ବନ୍ଦନା କରୁଛି, ଯାହାଙ୍କ ବିନା ସିଦ୍ଧଜନ ନିଜ ଅନ୍ତଃକରଣରେ ସ୍ଥିତ ଈଶ୍ୱରଙ୍କୁ ଦେଖି ପାରନ୍ତି ନାହିଁ ଏଣୁ ଯଦି ଆରାଧ୍ୟ ହିଁ ଶ୍ରଦ୍ଧା ରୂପ, ଭଗବାନ ହିଁ ଶ୍ରଦ୍ଧାର ରୂପ, ଗୁରୁ ହିଁ ଶ୍ରଦ୍ଧାର ରୂପ ଅଟନ୍ତି ତେବେ ଅଶ୍ରଦ୍ଧା ଦ୍ୱାରା ତାଙ୍କୁ କିପରି ପାଇ ହେବ, କିପରି ବୁଝାଯାଇ ପାରିବ । ଏଣୁ ଯେଉଁ ସାଧକ, ଯେଉଁ ଶିଷ୍ୟ, ଯେଉଁ ଭକ୍ତ ଶ୍ରଦ୍ଧାବାନ୍ ଅଟନ୍ତି, ସେ ହିଁ ଭଗବତ୍ କୃପା, ଗୁରୁ କୃପାର ଅଧିକାରୀ ହୋଇଥାନ୍ତି । ଶ୍ରଦ୍ଧାର ଆଧାରରେ ଆତ୍ମଜ୍ଞାନ ପ୍ରାପ୍ତି ଅସମ୍ଭବ । ଶ୍ରଦ୍ଧାବାନଙ୍କୁ ହିଁ ସଦଜ୍ଞାନ, ବ୍ରହ୍ମଜ୍ଞାନର ପ୍ରାପ୍ତି ହୋଇଥାଏ । ଗୀତାକାର ସ୍ପଷ୍ଟ କରିଛନ୍ତି –

ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ।

ଜିତେନ୍ଦ୍ରିୟ, ସାଧନ ପରାୟଣ ଓ ଶ୍ରଦ୍ଧାଳୁ ମନୁଷ୍ୟ ଜ୍ଞାନକୁ ପ୍ରାପ୍ତ ହୋଇଥାଏ ତଥା ଜ୍ଞାନକୁ ପ୍ରାପ୍ତ ହୋଇ ସେ ବିନା ବିଳମ୍ବରେ ତତ୍କାଳ ହିଁ ଭଗବତ୍ ପ୍ରାପ୍ତି ରୂପ ପରମ ଶକ୍ତିକୁ ପ୍ରାପ୍ତ ହୋଇଯାଏ । ଅନ୍ୟ ପକ୍ଷରେ ଯିଏ ଅଶ୍ରଦ୍ଧାଳୁ, ଶଙ୍କାଳୁ ସେମାନଙ୍କ ପାଇଁ ଗୀତାକାର କହିଛନ୍ତି –

ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।
ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ।

ଅର୍ଥାତ୍ ବିବେକହୀନ ଓ ଶ୍ରଦ୍ଧା ରହିତ ସଂଶୟଯୁକ୍ତ ମନୁଷ୍ୟ ପରମାର୍ଥ ଠାରୁ ଅବଶ୍ୟ ଭ୍ରଷ୍ଟ ହୋଇଯାଏ । ଏପରି ସଂଶୟ ଯୁକ୍ତ ମନୁଷ୍ୟ ପାଇଁ ଇହଲୋକ ଓ ପରଲୋକରେ ସୁଖ ମିଳି ନଥାଏ ।

ଏଣୁ ସାଧକ, ଶିଷ୍ୟ, ଭକ୍ତ ସେହି ଜ୍ଞାନ, କର୍ମ ଓ ଭକ୍ତି ମାଧ୍ୟମରେ ନିଜର ଶଙ୍କା, ଅଶ୍ରଦ୍ଧା ଦୂର କରିବା ଉଚିତ । ନିଜକୁ ପୂର୍ଣ୍ଣ ଶ୍ରଦ୍ଧା-ସମର୍ପଣ ପୂର୍ବକ ନିଜର ଆରାଧ୍ୟ, ନିଜର ଭଗବାନ, ନିଜର ଗୁରୁଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପଣ କରିଦେବା ଉଚିତ । ଏଥିରେ ସାଧକ, ଶିଷ୍ୟ, ଭକ୍ତର ସଚ୍ଚା ହିତ ନିହିତ ଏବଂ ଏଥିରେ ତା'ର କଲ୍ୟାଣ, ମଙ୍ଗଳ ଓ ଆନନ୍ଦ ସନ୍ନିହିତ । ସେ ନିଜର ଆରାଧ୍ୟଙ୍କ ମାର୍ଗରେ, ଗୁରୁଙ୍କ ଦ୍ୱାରା ବତାଯାଇଥିବା ମାର୍ଗରେ ବିନା ଶଙ୍କା, ସନ୍ଦେହରେ ଚାଲିବା ଦରକାର । ନିଜର ଗୁରୁ, ନିଜର ଆରାଧ୍ୟଙ୍କ ଦୈବୀ କାର୍ଯ୍ୟରେ ସହଭାଗୀ ହେବା ଏବଂ ନିଜ ଜୀବନକୁ ଧନ୍ୟ କରିବା, ଏଥିରେ ଶିଷ୍ୟର, ସାଧକର ମଙ୍ଗଳ ହିଁ ମଙ୍ଗଳ । ପ୍ରକୃତରେ ଶ୍ରଦ୍ଧାର ଶକ୍ତି ଅପରାଧ ଅଟେ ।

## ଆଜିର ଚିନ୍ତନ

ଧର୍ମରାଜ ଯୁଧିଷ୍ଠିରଙ୍କ ପୌରୋହିତ୍ୟରେ ରାଜସୂୟ ଯଜ୍ଞ ରହିଥାଏ । ଏଥିରେ ଯୋଗଦେବାକୁ ଅନେକ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ନିମନ୍ତ୍ରଣ ରକ୍ଷା କରି ଦୂରଦୂରାନ୍ତରରୁ ବହୁ ଲୋକ ଏଥିରେ ଯୋଗ ଦେଇଥାନ୍ତି ।


ଅତିଥିମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ଯଥୋଚିତ ବ୍ୟବସ୍ଥା କରାଯାଇଥିଲା । ସେମାନଙ୍କର ଅଭ୍ୟର୍ଥନା ଓ ଚର୍ଚ୍ଚାରେ ଯେପରି ସାମାନ୍ୟ ତ୍ରୁଟି ନ ହୁଏ ସେ ନିମନ୍ତେ ଖୋଦ ପାଣ୍ଡବ ପାଞ୍ଚଭାଇଙ୍କ ସମେତ ଅନ୍ୟମାନେ ନିୟୋଜିତ ରହିଥିଲେ ।

ଠିକ୍ ସମୟରେ ପାଣ୍ଡବମାନଙ୍କର ସଖା, ମାର୍ଗଦର୍ଶକ ଶ୍ରୀକୃଷ୍ଣ ପହଞ୍ଚିଲେ । ଦେଖିଲେ ଏହି ବିରାଟ ଯଜ୍ଞକାର୍ଯ୍ୟକୁ ସୁଚାରୁରୂପେ ସଂପନ୍ନ କରିବା ନିମନ୍ତେ ଅଗଣିତ ଲୋକ ବିଭିନ୍ନ କାମରେ ନିଷ୍ଠାର ସହ ଲାଗିଛନ୍ତି । ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ସ୍ୱାଗତ କରିବା ସହ ବସିବା ପାଇଁ ଉପଯୁକ୍ତ ଆସନ ଦେଇଥିଲେ ।

ଆସନ ଗ୍ରହଣ ପରେ ଯୁଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଲେ ଧର୍ମରାଜ ଏହି ବିରାଟ ଧର୍ମାନୁଷ୍ଠାନରେ ଆପଣ ଅଗଣିତ ଲୋକଙ୍କୁ ସେବା କରିବାର ସୁଯୋଗ ଦେଇଛନ୍ତି । ଯେଉଁମାନେ ସହାୟତା କରୁଛନ୍ତି ସେମାନେ ପ୍ରକୃତରେ ଧନ୍ୟ, ଆପଣ ମୋତେ ଯଦି ସେବା କରିବାର ଅବସର ଦିଅନ୍ତେ ବହୁତ ଖୁସି ହୁଅନ୍ତି । ଏଥିରେ ସାମିଲ ହୋଇ ଏହି ସେବାର ସୁଯୋଗ ହାତଛଡ଼ା କରିବାକୁ ମୁଁ ଚାହୁଁନି । ପ୍ରତ୍ୟେକ ଯେହେତୁ ନିଜ କ୍ଷମତା ଅନୁସାରେ କାମ କରୁଛନ୍ତି, ମୋର ମଧ କିଛି କାମ କରିବା ଉଚିତ ।

ଯୁଧିଷ୍ଠିର ନମ୍ର ଭାବରେ କହିଲେ ଭଗବାନ କାମ କରିବା ନିମନ୍ତେ ବହୁତ ଲୋକ ଅଛନ୍ତି । ଆପଣ କାହିଁକି କଷ୍ଟ କରିବେ ? ଆହୁରି ମଧ ଆପଣଙ୍କ ଯୋଗ୍ୟ କୌଣସି କାର୍ଯ୍ୟ ନାହିଁ । ଏହାଶୁଣି ଶ୍ରୀକୃଷ୍ଣ ହସି ହସି କହିଲେ ସେବା କରିବା ପାଇଁ ସ୍ତର ଦେଖାଯାଏ ନାହିଁ । ଯେ କୌଣସି ପ୍ରକାର କାର୍ଯ୍ୟ ମାଧ୍ୟମରେ ଏହା କରାଯାଇପାରେ । ଏହା ଆନ୍ତରିକତାର ସହ କରାଯାଇଥାଏ । ନିଃସ୍ୱାର୍ଥ ଭାବନାରେ ଏହି କାର୍ଯ୍ୟ କରାଯାଉଥିବାରୁ ସେବାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇଥାଏ । ତେଣୁ ଆପଣ କହିଲେ ନ କହିଲେ କିଛି ଫରକ ନାହିଁ । ମୁଁ ନିଜ ପାଇଁ ଯୋଗ୍ୟ କାର୍ଯ୍ୟ ନିଜେ ହିଁ ବାଛିନେବି । ଏହା କହି ଶ୍ରୀକୃଷ୍ଣ କାର୍ଯ୍ୟ ଖୋଜିବାରେ ଲାଗିଲେ । ସେ ଦେଖିବାକୁ ପାଇଲେ ଅନେକ ଲୋକ ଏକତ୍ର ଭୋଜନ କରି ଉଠୁଛନ୍ତି । ଉତଫୁଲ୍ଲ ହୋଇ କହିଲେ ମୋତେ କାମ ମିଳିଗଲା, ଏହା କହି ଅଇଁଠା ପତ୍ର ଉଠାଇବାରେ ଲାଗିଲେ । ଧର୍ମରକ୍ଷକ ଯୁଧିଷ୍ଠିର ପରମହିତୈଷୀ ମିତ୍ର ଶ୍ରୀକୃଷ୍ଣଙ୍କର ଏଭଳି ସେବା ଭାବଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଉପସ୍ଥିତ ସମସ୍ତେ ମଧ ଶ୍ରୀକୃଷ୍ଣଙ୍କ ଏଭଳି ଅପୂର୍ବ ସେବା ଭାବର ପ୍ରଶଂସା କରିବାକୁ ଲାଗିଲେ ।

# ବହୁ ହିତକାରୀ ଆଖୁ



ଶରୀରର ଯେକୌଣସି ସମସ୍ୟା ହୋଇଥାଉ ନା କାହିଁକି, ପ୍ରତି ଦିନ ଯଦି ଆଖୁ ଖାଇବେ, ତେବେ ଶରୀର ସୁସ୍ଥ ରହିବା ସହିତ ଅନେକ ରୋଗରୁ ମୁକ୍ତି ମଧ ପାଇବେ ।

ଗଳଗଣ୍ଡ ହୋଇଥିଲେ ଆଖୁରସରେ ହରିଡ଼ା ଚୂର୍ଣ୍ଣକୁ ମିଶାଇ ପିଇଲେ ଗଳଗଣ୍ଡରୁ ମୁକ୍ତି ମିଳିଥାଏ ।

କେବଳ ସେତିକି ନୁହେଁ, ସ୍ତନ ବୃଦ୍ଧି କରିବାକୁ ଚାହୁଁଥିବା ମହିଳାମାନେ ଆଖୁ ଚେରକୁ ବାଟି କାଞ୍ଜିରେ ମିଶାଇ ପିଇଲେ ସ୍ତନ ବୃଦ୍ଧି ହୋଇଥାଏ । ନାକରୁ ରକ୍ତ ପଡିଲେ ଆଖୁ ରସକୁ କପଡ଼ାରେ ଛାଣି ନସ୍ୟ ନେଲେ ନାକରୁ ରକ୍ତ ପଡିବା ବନ୍ଦ ହୁଏ । କାମଳ ରୋଗ ହୋଇଥିଲେ, ଆଖୁକୁ ରାତିରେ କାକରରେ ରଖି ସକାଳେ ଚୋବାଇ ଖାଇଲେ କାମଳ ରୋଗରୁ ରକ୍ଷା ମିଳେ ।

ବର୍ଷ ୭୬, ସଂଖ୍ୟା- ୩୩, ୧୪ - ୨୦ ଅଗଷ୍ଟ ୨୦୨୨

# ଆମ ଗଣତନ୍ତ୍ର କେତେ ସ୍ୱଚ୍ଛ ?

ଆମ ଦେଶ ଭାରତ ବର୍ଷ ବର୍ତ୍ତମାନ ପାଇଁ ଏକ ସ୍ୱାଧୀନ ରାଷ୍ଟ୍ର । ରାଷ୍ଟ୍ର ଗଠନ, ପରିଚାଳନା, ପ୍ରଶାସନ କ୍ଷେତ୍ରରେ ତା'ର ଅଖଣ୍ଡ ସାର୍ବଭୌମ କ୍ଷମତା ରହିଛି । ୧୯୪୭ ଅଗଷ୍ଟ ମାସ ପନ୍ଦର ତାରିଖରୁ ସ୍ୱାଧୀନତାର ହିସାବ କଲେ ୨୦୨୨ ମସିହା ବେଳକୁ ୭୫ ବର୍ଷ ଅତିକ୍ରମ ହେଲାଣି । ଯୋଜନାବଦ୍ଧ ଭାବରେ ଦେଶରେ ବିକାଶ କରିବା ଲକ୍ଷ୍ୟ ହାସଲ କରିବାରେ ଏହା କୌଣସି ମତେ କମ୍ ଅବଧିର ସମୟ ନୁହେଁ । ବହୁ ଦେଶ ସ୍ୱାଧୀନ ହେବାର କମ୍ ସମୟ କାଳ ମଧ୍ୟରେ ଅଧିରୁ ଅଧିକ ପ୍ରଗତି କରି ପାରିଛନ୍ତି । ସ୍ୱାଧୀନତାର ପୂର୍ବରୁ ଆମର ଅବସ୍ଥା ଯେକୌଣସି ସ୍ଥିତିରେ ହେଉନା କାହିଁକି ସ୍ୱାଧୀନ ହେବାର ସତୁରୀ ବର୍ଷରୁ ଉର୍ଦ୍ଧ୍ୱ ସମୟରେ ଆମେ ଢେର୍ ଆଗକୁ ଯାଇ ପାରିଥାନ୍ତେ । କିନ୍ତୁ ଆମ ଦେଶରେ ତା' ସମ୍ଭବ ହୋଇପାରୁନି । ଶିକ୍ଷା, ଶୃଙ୍ଖଳା, ଜ୍ଞାନବୃଦ୍ଧି, ସଚେତନତା, ମୁଣ୍ଡପିଛା ରୋଜଗାର, ଅପପୃଷ୍ଟି ନିରାକରଣ, ଜଳସେଚନ, ଶିଳ୍ପ ଉତ୍ପାଦନ, କୃଷି, ବାଣିଜ୍ୟ, ସ୍ୱାସ୍ଥ୍ୟ ରକ୍ଷାଦି ବିଷୟରେ ଆମେ ଅନ୍ୟମାନଙ୍କଠାରୁ ଢେର ପଛରେ । ଏହାର କାରଣ ବା କ'ଣ ହୋଇପାରେ ? ଦେଶକୁ ଚଳାଇ ନେବା ପାଇଁ କୌଣସି ନା କୌଣସି ସଂଘୀୟ ବ୍ୟବସ୍ଥାର ଆବଶ୍ୟକତା ଥାଏ । ଏକଛତ୍ରବାଦ ଶାସନକୁ ବିରୋଧ କରି ଆମେ ସାଧାରଣ ଗଣତନ୍ତ୍ରରେ ବିଶ୍ୱାସ ରଖୁ । ଦେଶର ପ୍ରତିଟି ସମର୍ଥ ସାବାଳକଙ୍କ ହାତରେ, ଦେଶ ଚଳାଇବା ତଥା ଶାସନ ବାଛିବାର ଅଧିକାର ଦେଲୁ । ନିଜ ମନକୁ ପାଇଲା ଭଳି ବିଶ୍ୱାସର ପ୍ରତିନିଧି ବାଛି ସେମାନଙ୍କ ହାତରେ ଦେଶର ଆଇନ, ନୀତି ନିର୍ଦ୍ଧାରଣ କରି ଦେଶ ପରିଚାଳନାର ଭାର ସମର୍ପି ଦେଲୁ । କିନ୍ତୁ କାହିଁକି ଏ ଯାଏଁ ସେହି ବ୍ୟବସ୍ଥାର କିଛି ସୁଫଳ ମିଳିଲା ଭଳି ଅନୁଭବ କରିହେଉନି ।

ସ୍ୱାଧୀନତା ବେଳେ ଦେଶରେ ଗରିବୀ, ନିରକ୍ଷରତା, ବେରୋଜଗାରୀ, ଅସ୍ୱାସ୍ଥ୍ୟକର ବାତାବରଣ ଭରିହୋଇ ରହିଥିଲା, ଯାହା ଏବେ ବି ରହିଛି । ବର୍ଷେ ନୁହଁ କି ଦୁଇ ବର୍ଷ ଅଛା ପାଞ୍ଚ ବର୍ଷ କି ପଚଶି ବର୍ଷର କଥା ନୁହଁ- ୭୫ ବର୍ଷ ଯିବାକୁ ବସିଲାଣି । ସେହି ଏକା କଥା..... ସେହି ଅବ୍ୟବସ୍ଥା । ନିର୍ବାଚିତ ନେତାମାନେ କହନ୍ତି, "ଆମେ ପ୍ରଗତି କରିଛୁ, ଶିକ୍ଷା ବ୍ୟବସ୍ଥାର ପୁନଃରୁଦ୍ଧାର କରାଯାଇଛି, ବେ-ରୋଜଗାରୀ କମିଛି, ନିରକ୍ଷରତା ଦୂର ହୋଇଛି, ଗରିବୀ, ଦରିଦ୍ରପଣିଆ ଏବେ ନାହିଁ କହିଲେ ଚଳେ । କିନ୍ତୁ ଏ ସବୁ ଭାଷଣର ପତିଆରା । ଏବେ କେମିତି ବାରମ୍ବାର ଶୁଣି ଶୁଣି ଭଣ୍ଡାମି -ମିଥ୍ୟା ପ୍ରତିଶ୍ରୁତିରେ ପରିଣତ ହେଲାଣି । ବିଶ୍ୱର ସବୁଠାରୁ ବୃହତ୍ତମ ଗଣତନ୍ତ୍ର ରେ ବିଶ୍ୱାସ ରଖୁଥିବା ଆମ ଭାରତବାସୀ ଏବେ କେମିତି କେଉଁଠି ଅବିଶ୍ୱାସର ତ୍ରୁଟିପୂର୍ଣ୍ଣ ପ୍ରୟୋଗରେ ସଢ଼ି ଗଲେଣି ।

ଲାଗୁନି ଆମ ଦେଶରେ ଗଣତନ୍ତ୍ରର ଶାସନଧାରା କାମ କରୁଛି । ଗଣତନ୍ତ୍ରର ନୀତି ସବ୍‌କା ସାଥ ସବକା ବିକାଶ''ର ନାରାର ସଫଳ ପ୍ରୟୋଗ କରିବାର କଥା, କିନ୍ତୁ ଏହା ବାଟ ଧରୁନି । ଗଣଢନ୍ତର ଅର୍ଥକୁ କେବେ ହେଲେ ନବୁଝି ପାରୁଥିବା ଲୋକଙ୍କ ହାତରେ ନେତା ବାଛିବାର ଅଧିକାରକୁ ସମର୍ପି ଦେଲେ, ଯାହା ହେବାର କଥା, ହେଉଛି । ଯାହାରି ଆଖିକୁ ଜମା ଦେଖାଯାଏନି, ସେ ପୁଣି କିଏ ସୁନ୍ଦର କିଏ ଅସୁନ୍ଦର ବାଛିବାର କ୍ଷମତା ପ୍ରାପ୍ତ ହେବ । ଜନତନ୍ତ୍ରରେ ଏକ ବିଡ୍ ରହିଛି ଯେଉଁଆଡେ ମତ ଅଧା, ସେହି ଆଡେ ପଦ ପଦବୀର ମାଲିକାନା । ନେତୃତ୍ୱ ଓ ନେତାଗିରି ସାଧାରଣ ଜନତାଙ୍କୁ ସ୍ୱାଧୀନତା ଆଣି ଦେଇଛି ଗଣତନ୍ତ୍ରରେ ଭୋଟଦାନର ଅଧିକାର । ପ୍ରତିନିଧିମାନଙ୍କ ଚୟନ ପ୍ରତିଯୋଗିତାରେ ମଣିଷର ଗୁଣ, ଲକ୍ଷଣ, ପ୍ରକୃତି, ପ୍ରବୃତ୍ତି ଆଦିକୁ ଚିହ୍ନି ନେତା ବାଛିବାର କଥା । ଆମ ଦେଶରେ ଶିକ୍ଷିତ, ପୁଣି ସଚେତନ ନାଗରିକମାନଙ୍କର ସଂଖ୍ୟା କମ୍‌ରୁ କମ୍ । ଏମାନେ ଜାଣନ୍ତି ନାହିଁ ଦେଶ କିଭଳି ଚଳେ । ଦେଶକୁ ସେମାନେ ଚଳାନ୍ତି । କିଭଳି ଚଳାଯିବା ଉଚିତ । ଏମିତି କେତେ କ'ଣ ହେଲେ କ'ଣ ହେବ, ଭୋଟ୍ ଦେବା ଲୋକଙ୍କ ସେଭଳି କିଛି ସମ୍ୟକ ଜ୍ଞାନ ନାହିଁ । ଯେଉଁ କେତେକଙ୍କ ଅଛି, ସେମାନଙ୍କ ସଂଖ୍ୟା ନଗଣ୍ୟ ।

ଗଣତନ୍ତ୍ରରେ ଶିକ୍ଷିତ, ସଚେତନ ନାଗରିକ ଓ ଅସଚେତନ, ଅଶିକ୍ଷିତ ନାଗରିକମାନଙ୍କ ମଧ୍ୟରେ ଭୋଟ ଦେବା ଅଧିକାରର ଉପଯୋଗ ପାଇଁ ସେମିତି କିଛି ପାର୍ଥକ୍ୟ ନାହିଁ । ସଭିଏଁ ସମାନ । ଯିଏ ସବୁ ଜାଣୁଛି, ବୁଝିପାରୁଛି, ତା'ର ଯେତିକି ଅଧିକାର, ଯିଏ କିଛି ଜାଣେନି, ବୁଝେନି ତା'ର ବି ସେତେଟା ଅଧିକାର । ଆମ ଦେଶରେ ନିଜ ମତଦାନର ଅଧିକାର ଓ ଫଳାଫଳ ନ ବୁଝୁଥିବା ଲୋକଙ୍କ ସଂଖ୍ୟା ବହୁ ମାତ୍ରାରେ ଅଧିକା । ପୁଣି ଯେଉଁ ପ୍ରତିନିଧି ଅଧାମତ ପ୍ରାପ୍ତ କରିବେ, ସେ ହିଁ ଶାସନ ଗାଦିରେ ବସିବେ । ଏଣୁ ଯେଉଁ ପ୍ରତିଯୋଗୀମାନେ ଅନୈତିକ, ଅନ୍ୟାୟ ବାଟରେ ମତ ଜିଣିବାକୁ ଚାହାଁନ୍ତି, ସେମାନଙ୍କୁ ସାଧାରଣ ଅଶିକ୍ଷିତ, ବେପରୁଆ, ଅସଚେତନ ନାଗରିକମାନଙ୍କୁ ଠକି, ଭଣ୍ଡି, ଚାଟୁକତା କହି, ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାସଲ କରିବା ସହଜ ହୋଇଯାଏ । ଏମିତି କି ଆଜିର ୭୫ ବର୍ଷର ସ୍ୱାଧୀନ ଶାସନ ପରେ ବି ନିର୍ବାଚନ ରଣାଙ୍ଗନରେ ଟଙ୍କା ଓ ମଦର କାରବାର ଅଧିକା ହେଉଛି ।

ଲୋକଙ୍କ ମତକୁ ସହଜରେ କ୍ରୟ କରାଯାଇ ପାରୁଛି । ଯେଉଁ ବ୍ୟକ୍ତି ଯେତେ ଅଧିକ ଟଙ୍କା ଦେଇ ଭୋଟ କିଣିପାରିଲା, ସେ ହେଲା ପରବର୍ତ୍ତୀ କାଳ ପାଇଁ ଆମ ଶାସକ । ଏଥିରେ ମାଂସପେଶୀର ବଳ, ଅର୍ଥବଳ ଓ କୂଟନୀତି ପ୍ରୟୋଗର ବିଭିନ୍ନ ଅନୈତିକ ବିଶ୍ୱର ନେଇ ଆମ ଦେଶରେ ଆମ ଗଣତନ୍ତ୍ର ବଞ୍ଚିଛି, କହିଲେ ଚଳେ । ସବୁ ନକଲି, ସ୍ୱଚ୍ଛତାର ପ୍ରଶ୍ନ ଏଥିରେ ନାହିଁ । ଜଣେ ରାଷ୍ଟ୍ରସେବକ ଦେଶ ସେବା କରିବା ପାଇଁ ନିଜର ସୁଖସ୍ୱାଚ୍ଛନ୍ଦ୍ୟ, ସ୍ୱାର୍ଥଲାଳସାକୁ ଜଳାଞ୍ଜଳି ଦେଇ ମତଦାନ ପ୍ରକ୍ରିୟାରେ ପ୍ରତିନିଧି ଚୟନରେ ଭାଗ ନେଇଥାଏ, ସେ ଏଠି ବିଜିତ ହୋଇପାରେନା । କାରଣ ହେଲା, ଅନ୍ୟ ସ୍ୱାର୍ଥାନ୍ଧ, ପ୍ରତିଯୋଗୀ ନିଜକୁ ବିଧାୟକ, ସାଂସଦ ଅବା ଅନ୍ୟ କୌଣସି ଜନପ୍ରତିନିଧି ରୂପେ ଚୟନରେ ବିଜୟ ଲାଭ କରିବା ପାଇଁ ଅସାଧୁ ପ୍ରକ୍ରିୟାରେ ମତ ହାତେଇବାରେ ଚେଷ୍ଟା କରନ୍ତି । ପୁଣି ଆମ ଦେଶର ଅଧିକାଂଶ ନାଗରିକ ଗଣତନ୍ତ୍ରର ମହତ୍ତ୍ୱ ନ' ଜାଣିପାରି ନିଜକୁ ସେମାନଙ୍କ ହାତରେ ବିକ୍ରୀ କରି ଦିଅନ୍ତି ।

ଏଥିରେ ସ୍ୱଚ୍ଛତା ରହିଲା କେଉଁଠି ଓ ନିରତା ଆସିଲା କେଉଁଠି ? ସଚ୍ଚୋଟ ଓ ନିରୀହ ଜନତା ପ୍ରତିନିଧି ଚୟନରେ ହାର ମାନ ଓ ଅସାଧୁ ମଣିଷମାନେ ନିର୍ବାଚିତ ହୋଇ ରାଷ୍ଟ୍ରକୋଷର ଦୁରୁପଯୋଗ ସଙ୍ଗେ ସଙ୍ଗେ ନିଜ କ୍ଷମତାର ଅପ– ପ୍ରୟୋଗ କରି ଗଣତନ୍ତ୍ରକୁ ବିଷ ବଳୟ ମଧ୍ୟକୁ ଠେଲି ଦେଇଛି । ଏଥିରେ ଦେଶର ସାଧାରଣ ନାଗରିକ ଓ ସେ ଦେଶର ସମୃଦ୍ଧି ଶୋଷଣରେ ଶିକାର ହୋଇଯାଏ ।

ଆମ ଦେଶର ରଜନୀତିରେ ଏ ପ୍ରକାର ବାହୁବଳୀମାନଙ୍କର ସଂଖ୍ୟା ଆଦୌ କମ୍ ନୁହେଁ ବରଂ ଅଧିରୁ ଅଧିକ । କୌଣସି ଜଣେ ଗବେଷକ, ନିର୍ବାଚିତ ପ୍ରତିନିଧିମାନଙ୍କ ଜୀବନ ମାର୍ଗର ତଥ୍ୟ ସଂଗ୍ରହ ମଧ୍ୟରୁ ସେମାନଙ୍କ ହାରାହାରି ବ୍ୟକ୍ତିଗତ ଅପରାଧିକ ଜୀବନର ଅନୁଶୀଳନରୁ ଜାଣି ପାରିଲେ ଯେ, ଅଧିକାଂଶ ଜନପ୍ରତିନିଧିମାନେ କ୍ରିମିନାଲ (ଫୌଜଦାରୀ) ପର୍ଯ୍ୟାୟର ହାରାହାରି ଦଶଟି । କ୍ରିମିନାଲ କେସ୍‌ରେ ଲିପ୍ତ ଓ ପ୍ରତ୍ୟେକଙ୍କ ବିରୁଦ୍ଧରେ ନରହତ୍ୟା ଭଳି ସଙ୍ଗୀନ ଅପରାଧର ରେକର୍ଡ ମଧ ରହିଛି ।


ଦେଶର ଶାସନ ଧାରା ବହୁ ଦଳୀୟ ଗଣତନ୍ତ୍ର ବିଚାର ଉପରେ ନ୍ୟସ୍ତ । ପ୍ରତିନିଧି ଚୟନ ବେଳେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳମାନଙ୍କର ପଞ୍ଜୀକରଣ ହୋଇ ସେମାନଙ୍କୁ ନିର୍ବାଚନରେ ଭାଗ ନେବାକୁ କୁହାଯାଇଥାଏ । ପ୍ରତି ଦଳ ପକ୍ଷରୁ ସୁଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ନିର୍ବାଚନ ରଣାଙ୍ଗନରେ ନିଜକୁ ଚୟନ ପ୍ରତିଯୋଗିତାରେ ଜିଣି ଆସିବା ପାଇଁ ଅନୁମତି ଦେଇଥାଏ ।

ଅନ୍ୟାନ୍ୟ ଯେ କେହି ଦଳୀୟ ଟିକେଟ (ଅନୁମତି)ରୁ ବଞ୍ଚିତ ହେଲେ ବି ସେମାନେ ଯଦି ଚାହାଁନ୍ତି, ତେବେ ବ୍ୟକ୍ତିଗତ ଭାବେ ଜଣେ ଭାରତୀୟ ନାଗରିକର ଆଧାର ନେଇ ନିର୍ଦ୍ଦଳୀୟ ତଥା ସ୍ୱାଧୀନ ଭାବରେ ନିର୍ବାଚନ ଲଢନ୍ତି । ଆଉ ନିର୍ବାଚନରେ କୃତକାର୍ଯ୍ୟ ହେଲେ ସେମାନେ ଅନ୍ୟ ଜାତୀୟ ବା ଆଞ୍ଚଳିକ ଦଳର ନିମନ୍ତ୍ରଣ ନେଇ ସେମାନଙ୍କ ଦଳରେ ସାମିଲ ହୋଇପାରନ୍ତି ଅଥବା ନିଜେ ସ୍ୱାଧୀନ ଭାବେ ନିଜ ଦାୟିତ୍ୱ ନିର୍ବାହ କରିପାରନ୍ତି । ବଡ଼ ଦୁଃଖ ଓ ପରିତାପର କଥା ଆମ ସମ୍ବିଧାନରେ ଉଲ୍ଲେଖ ଥିବା ଏହି ଦଳୀୟ ନିର୍ବାଚନୀ ଧାରା ଦେଶର ପ୍ରଶାସନକୁ ଆବିଳତାରେ ଭର୍ତ୍ତି କରିଦିଏ ।

ନିର୍ବାଚନୀ ହିଂସା, ଗୋଟିଏ ଦଳର ବିଜିତ ପ୍ରାର୍ଥୀମାନେ ଅନ୍ୟ ବିରୋଧୀପକ୍ଷ ତଥା ଦଳର କର୍ମୀମାନଙ୍କୁ ସହଜରେ ଗ୍ରହଣ କରିପାରନ୍ତିନି । ବରଂ ସେମାନଙ୍କ ଉପରେ ଅସାମ୍ବିଧାନିକ ଭାବେ ପ୍ରତିହିଂସା ପରାୟଣ ହୋଇପଡ଼ନ୍ତି, ଯାହା ଆମ ଗଣତାନ୍ତ୍ରିକ ଶାସନ ପ୍ରଣାଳୀରେ ଥିବା ଆଦର୍ଶ ଉପଯୋଗକୁ ସ୍ପର୍ଶ କରିଦେଇଥାଏ । ଥରୁଟିଏ ନିର୍ବାଚନ ଜିଣି ନେଲେ ସେ ଯେ କେହି ଦଳର ହୁଅନ୍ତୁ ନା କାହିଁକି ସେ ଜନପ୍ରତିନିଧ ଭାବରେ ଦଳ, ମତ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବଧାରାରେ ଗ୍ରହଣ କରି ଦେଶର ସମସ୍ତ ବିଧିବିଧାନକୁ ବିନା ପକ୍ଷପାତିତାରେ ଚଳାଇ ଏକ ସୁନ୍ଦର ଶାସନ ବ୍ୟବସ୍ଥାର ପ୍ରଚଳନ କରିବା କଥା । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ହୁଏନି ।

ପ୍ରତ୍ୟେକ ଦଳର ନିର୍ବାଚିତ ଜନ ପ୍ରତିନିଧୁମାନେ ତା'ନକରି ଦଳୀୟ ବ୍ୟକ୍ତି ବିଶେଷଙ୍କୁ ବିଶେଷକରି ଶାସନ ଗାଦୀର ସମସ୍ତ ସୁବିଧା ଅଜାଡ଼ି ଦିଅନ୍ତି । ବିଶେଷକରି ବିଭିନ୍ନ ପ୍ରକାର ସରକାରୀ ସୁବିଧା ହାସଲ ପାଇଁ ପ୍ରଥମେ ଅଗ୍ରାଧିକାର ଭିତ୍ତିରେ ନିଜ ଦଳର ଯୋଗ୍ୟ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଅତି ଅନ୍ୟାୟ ଭାବେ ସୁବିଧା ସୁଯୋଗ ଦେବାବେଳେ ଅନ୍ୟ ଦଳର ବିଶେଷ ଯୋଗ୍ୟ ବ୍ୟକ୍ତିମାନଙ୍କୁ ସେହି ସବୁ ସରକାରୀ ସୁବିଧାକୁ ଜାଣିଶୁଣି ପ୍ରାପ୍ତ ନ କରାଇବା ଏକ ପ୍ରକାର ଅମାନବୀୟ କଳଙ୍କ କହିବା ପ୍ରାସଙ୍ଗିକ । ବିପିଏଲ ତାଲିକାରେ ଅନେକ ପ୍ରକୃତ ଗରିବ ଲୋକଙ୍କୁ ଉପେକ୍ଷା କରାଯିବା, ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଆବାସ ଭଳି, ଅନ୍ୟ ସମସ୍ତ ସୁବିଧା ସୁଯୋଗରୁ ପ୍ରକୃତ ହିତାଧିକାରୀଙ୍କୁ ନିଜ ଦଳର ନୁହେଁ, ସେମାନେ ନିର୍ବାଚନରେ ଭୋଟ ଦେଇ ନାହାଁନ୍ତି, ଏହି ଭାଗ ରଖି ସେମାନଙ୍କୁ ଉପେକ୍ଷା କରି ବିଭିନ୍ନ ରାଜନୈତିକ ହଇରାଣ - ହରକତ କରାଯାଉଥିବା ଆମର ଏହି ଗଣତାନ୍ତ୍ରିକ ପ୍ରଶାସନିକ ବ୍ୟବସ୍ଥାର କର୍କଟ ରୋଗ ସଦୃଶ୍ୟ । ଏହାର ନିବାରଣ କରାଯାଇ ନ ପାରିଲେ, ଏ ଦେଶ ଆଗକୁ ବଢି ପାରିବ ନାହିଁ । ପୁଣି ଦଳ ମଧ୍ୟରେ ଦଳୀୟ କନ୍ଦଳ ଅନ୍ୟ ଏକ ସମସ୍ୟା । ସବୁ ଦଳକୁ ସମୟକ୍ରମେ ଏହି ସମସ୍ୟା ଆକ୍ରମଣ କରେ ଓ ଏହି ଆକ୍ରମଣରେ ଦଳୀୟ ଶୃଙ୍ଖଳା ନଷ୍ଟ ହେବା ସହ ଦଳ ତିଷ୍ଠି ରହିବା ତ ଦୂରର କଥା, ଏମିତି କେତେ ଦିନ ପରେ ଦଳୀୟ ଆଦର୍ଶ, ବିଚାରଧାରା ନଷ୍ଟ ହେବା ସହ ଦଳ ମଧ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଏ ।

ଏଭଳି ସ୍ଥଳେ, ନିର୍ବାଚିତ ପ୍ରତିନିଧିମାନେ ନିଜେ ଦେଶର ପ୍ରଗତି କରିବେ କ'ଣ, ନିଜ ନିଜ ମଧ୍ୟରେ ଟଣାଓଟଣା ହୋଇ ହୋଇ ନିଜକୁ ଅବା ନିଜ ଦଳ ସହ ନିଜ ଦେଶକୁ ପ୍ରଗତିର ଦୌଡ଼ରୁ ଓହରାଇ ନେଇ ଧ୍ୱଂସ ସାଧନ କରିବାକୁ ପଛାଇ ନଥାନ୍ତି । ଆମ ଦେଶ ଭାରତ । ଆଜି ଏହି ସବୁ ଗଣତନ୍ତ୍ରର ଉପସର୍ଗ ନେଇ ସଢୁଛି । ଏହାର ଆରୋଗ୍ୟ ପାଇଁ ପ୍ରୟାସ ନୋହିଲେ ପ୍ରଗତି ଅସମ୍ଭବ ।



# ସାମରିକ ସେବା


## ମହାତ୍ମା ଗାନ୍ଧୀ

ସାମରିକ ସେବାରେ ଯୋଗ ନ ଦେବା ହିଁ ଯଥେଷ୍ଟ ନୁହେଁ । ନିର୍ଦ୍ଦିଷ୍ଟ ସମୟଟି ଆସି ପହଞ୍ଚିବା ସମୟରେ ସାମରିକ ସେବା କରିବାକୁ ମନା କରିଦେବାର ଅର୍ଥ ହେଉଛି ମନ୍ଦଟି ସହିତ ଲଢ଼ିବାର ସବୁଯାକ ସମୟ ବସ୍ତୁତଃ ଅତିକ୍ରାନ୍ତ ହୋଇଯିବା ପରେ ସେହି କାର୍ଯ୍ୟଟିକୁ କରିବାକୁ ଯିବା । ସାମରିକ ସେବା ହେଉଛି ଅଧିକ ଗଭୀରକୁ ଭେଦିକରି ରହିଥିବା ରୋଗଟିର କେବଳ ଏକ ଲକ୍ଷଣ । ମୁଁ ବରଂ ପରାମର୍ଶ ଦେବି ଯେ, ସାମରିକ ସେବାରେ ଖାତାରେ ଯେଉଁମାନଙ୍କର ନାମ ନାହିଁ, ଯଦି ସେମାନେ ଅନ୍ୟ ନାନାଭାବରେ ରାଷ୍ଟ୍ରର ସମର୍ଥନ କରୁ ନାହାନ୍ତି, ତେବେ ସେମାନେ ମଧ ଅପରାଧଟିରେ ଭାଗୀ ହେଉଛନ୍ତି । ସାମରିକ ରୀତିରେ ସଂଗଠିତ ହୋଇ ରହିଥିବା ଏକ ରାଷ୍ଟ୍ରକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷଭାବରେ ଯେଉଁ ପୁରୁଷ ବା ନାରୀ ସମର୍ଥନ କରୁଛି, ସିଏ ଅପରାଧଟିରେ ଭାଗ ନେଉଛି, ଟିକସ ଦେଇ ରାଷ୍ଟ୍ରର ରକ୍ଷଣାବେକ୍ଷଣରେ ସହାୟତା କରି ବୃଦ୍ଧ ଅଥବା ଅବୃଦ୍ଧ ପ୍ରତ୍ୟେକ ବ୍ୟକ୍ତି ସେହି ପାପରେ ଭାଗୀ ହେଉଛି । ସେହି କାରଣରୁ ମୁଁ ଯୁଦ୍ଧ ସମୟରେ ନିଜକୁ ନିଜେ କହିଥିଲି ଯେ, ଯେ ପର୍ଯ୍ୟନ୍ତ ମୁଁ ସେନାବାହିନୀ ରକ୍ଷା କରୁଥିବା ଗହମକୁ ଆହାରରୂପେ ଗ୍ରହଣ କରୁଛି, ଯେ ପର୍ଯ୍ୟନ୍ତ ମୁଁ କେବଳ ଜଣେ ସୈନିକ ହେବା ବ୍ୟତୀତ ଆଉ ସବୁକିଛି କରୁଛି, ନିଜେ ସୈନ୍ୟବାହିନୀରେ ଯୋଗ ଦେଇ ଗୁଳି ଖାଇ ମରିବା ହିଁ ସେପର୍ଯ୍ୟନ୍ତ ମୋ'ପାଇଁ ସର୍ବୋତ୍ତମ କର୍ତ୍ତବ୍ୟ ହେବ । ତା' ନହେଲେ ମୋ'ର ବରଂ ପର୍ବତ-ଅଞ୍ଚଳକୁ ଚାଲିଯିବା ଉଚିତ ଏବଂ ପ୍ରକୃତି ଉତ୍ପନ୍ନ କରୁଥିବା ଖାଦ୍ୟକୁ ଖାଇ ଜୀବନଧାରଣ କରିବା ଉଚିତ । ତେଣୁ, ଯେଉଁମାନେ ସାମରିକ ସେବାକୁ ବନ୍ଦ କରିବାକୁ ଇଚ୍ଛା କରୁଛନ୍ତି, ସେମାନେ ସକଳ ପ୍ରକାରର ସହଯୋଗକୁ ପ୍ରତ୍ୟାହର କରିନେଇ ତାହା କରିପାରିବେ । ସାମରିକ ସେବାରେ ଯୋଗ ଦେବା ପାଇଁ ମନା କରିଦେବା ହେଉଛି ରାଷ୍ଟ୍ରକୁ ଧରି ରଖୁଥିବା ସମଗ୍ର ବ୍ୟବସ୍ଥାଟି ସହିତ ଅସହଯୋଗ କରିବା ଅପେକ୍ଷା ଏକ ଅଧିକ ଉପରଠାଉରିଆ କାର୍ଯ୍ୟପନ୍ଥା । ମାତ୍ର, ସେହି କ୍ଷେତ୍ରରେ ନିଜର ବିରୋଧଟି ଏଡ଼େ କ୍ଷିପ୍ର ଓ ଏଡ଼େ ଫଳପ୍ରଦ ମଧ ହୋଇଥାଏ ଯେ, ସେତେବେଳେ ତୁମକୁ କେବଳ ଜେଲ୍ ଭିତରକୁ ନେଇଯିବାର ଯେ ଆଶଙ୍କା ଥାଏ, ସେତିକି ନୁହେଁ, ସର୍ବସ୍ୱର ହୋଇ ରାସ୍ତାରେ ବୁଲିବାର ଆଶଙ୍କାଟି ମଧ ରହିଥାଏ ।

# ସ୍ୱର୍ବେଦ

**ସଦ୍‌ଗୁରୁ ନିତ୍ୟ ଅନାଦି ହୈଁ, ସ୍ୱୟଂ ସିଦ୍ଧ ଗୁରୁ ଆୟ ।**
**ସିଦ୍ଧ ଗୁରୁ ଅଭ୍ୟାସ ସେ, ପରମପରା ଗୁରୁ ଆୟ ॥୧୨॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ସିଏ ଅଟନ୍ତି, ଯିଏ ଚାରି ଯୁଗରେ ନିଜର ତଥା ପ୍ରଭୁଙ୍କର ଇଚ୍ଛା ଅନୁକୂଳ ସଂସାରରେ ସ୍ୱଚ୍ଛନ୍ଦ ପ୍ରକଟ ହୋଇ ଜଗତର ଜୀବମାନଙ୍କୁ ବ୍ରହ୍ମବିଦ୍ୟାର ଉପଦେଶ ଦେଇ ମୁକ୍ତି ପ୍ରଦାନ କରିଥାନ୍ତି । ଦ୍ୱିତୀୟ ସ୍ୱୟଂସିଦ୍ଧ ଗୁରୁ ସିଏ ଅଟନ୍ତି, ଯିଏ ମୁକ୍ତି ଧାମରୁ ଈଶ୍ୱରୀୟ ଆଦେଶ ଲାଭକରି ସଂସାରରେ ପ୍ରକଟିତ ହୋଇଥାନ୍ତି ଏବଂ ବ୍ରହ୍ମବିଦ୍ୟାର ସଦୁପଦେଶ ଦେଇ ଜଗତର ଜୀବମାନଙ୍କୁ ମୁକ୍ତି ପ୍ରଦାନ କରିଥାନ୍ତି । ତୃତୀୟ ଅଭ୍ୟାସସିଦ୍ଧ ଗୁରୁ ସିଏ ଅଟନ୍ତି, ଯିଏ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଛାୟାରେ ତାଙ୍କଠାରୁ ଦୀକ୍ଷା ଉପଦେଶରୁ, ବିହଙ୍ଗମ ଯୋଗ ସମାଧିରେ ଘୋର ପରିଶ୍ରମ କରି, ଗୁପ୍ତ ବ୍ରହ୍ମବିଦ୍ୟାର ଅନୁଭବ ସାକ୍ଷାତ୍‌କାର କରି, ଯୋଗ ଅଭ୍ୟାସରୁ ନିଜ ଲକ୍ଷ୍ୟକୁ ପୂର୍ଣ୍ଣ ରୂପରେ ପ୍ରାପ୍ତ କରି, ସଂସାରରେ ବ୍ରହ୍ମବିଦ୍ୟାର ବିମଳ ପ୍ରକାଶିତ କରି, ଭବତପିତ ଜୀବମାନଙ୍କୁ ଜୀବନ୍ମୁକ୍ତ କରି, ପରମାନନ୍ଦଙ୍କୁ ପ୍ରାପ୍ତ କରାଇଥାନ୍ତି । ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଛତ୍ରଛାୟାରେ ନିଜ ସାଧନା ଅଭ୍ୟାସର ପ୍ରବଳ ପୁରୁଷାର୍ଥ ଦ୍ୱାରା ଯିଏ ସଦ୍‌ଗୁରୁ ହୋଇଥାନ୍ତି, ତାଙ୍କୁ ଅଭ୍ୟାସସିଦ୍ଧ ଗୁରୁ କହନ୍ତି । ପରମ୍ପରା ଗୁରୁ ସିଏ ଅଟନ୍ତି, ଯିଏ ସଦ୍‌ଗୁରୁ ପ୍ରଦତ୍ତ ସଦ୍‌ଗୁରୁ ପଦକୁ ଧାରଣ କରି ଉତ୍ତରାଧିକାରୀ ହୋଇ ସଂସାରରେ ସଦ୍‌ଗୁରୁ ସିଦ୍ଧାନ୍ତର ଅଭୟ ପ୍ରଚାର କରି, ସଂସାରର ଅଜ୍ଞାନ ନିଶାକୁ ଦୂର କରି, ଜଗତର ଜୀବମାନଙ୍କୁ ବ୍ରହ୍ମବିଦ୍ୟାର ବିମଳ ପ୍ରକାଶ ପ୍ରଦାନ କରି, ଆଧ୍ୟାତ୍ମର ସର୍ବୋଚ୍ଚ ଶିଖରକୁ ପ୍ରାପ୍ତ କରାଇଥାନ୍ତି । ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଦର୍ଶନ ଏବଂ ଅନୁଭବ ତତ୍ତ୍ୱଜ୍ଞାନ ଏବଂ ତାଙ୍କର ସ୍ୱାତି, ପୂର୍ବ ଗୁରୁ ଦ୍ୱାରା ଯେଉଁ ଉତ୍ତରାଧିକାରୀଙ୍କୁ ପ୍ରାପ୍ତ ହୋଇଥାଏ, ସେହି ସଦ୍‌ଗୁରୁ ସଂସାରରେ ପରମ୍ପରା ଗୁରୁ ରୂପେ ପରିଗଣିତ ହୋଇଥାନ୍ତି । ବ୍ରହ୍ମବିଦ୍ୟାର ଏହି ଚାରି ପ୍ରକାର ସଦ୍‌ଗୁରୁଙ୍କ ଦ୍ୱାରା ସଂସାରରେ ବ୍ରହ୍ମବିଦ୍ୟାର ପ୍ରଚାର ହୋଇଥାଏ । ସଦ୍‌ଗୁରୁ ଦ୍ୱାରା ହିଁ ଜୀବମାନଙ୍କର କଲ୍ୟାଣ ହୋଇଥାଏ । ସଦ୍‌ଗୁରୁ ବ୍ରହ୍ମବିଦ୍ୟାକୁ ପ୍ରକଟ କରି, ଆର୍ତ୍ତ ଜୀବମାନଙ୍କୁ ସୁଖ ଶାନ୍ତି ପ୍ରଦାନ କରିଥାନ୍ତି । ସଦ୍‌ଗୁରୁଙ୍କ ବିନା ଜୀବମାନଙ୍କର କଲ୍ୟାଣ ଆଉ ପରମାନନ୍ଦ ମୋକ୍ଷ ପ୍ରାପ୍ତ ହୋଇପାରେ ନାହିଁ । ଅତଏବ ଆଧ୍ୟାତ୍ମ ବିଦ୍ୟାର ପ୍ରଚାରକ ସଂସାରର କଲ୍ୟାଣ କରୁଥିବା ସଦ୍‌ଗୁରୁ ଅଟନ୍ତି । ସଦ୍‌ଗୁରୁ ହିଁ 'ସଦ୍‌ଗୁରୁ' ସୃଷ୍ଟି କରିଥାନ୍ତି । ସ୍ୱୟଂ କେହି ମନକୁ ମନ ସଦ୍‌ଗୁରୁ ପଦକୁ ପ୍ରାପ୍ତ କରି ପାରିବେ ନାହିଁ, କିମ୍ବା କୌଣସି ସଂସାରୀ ବ୍ୟକ୍ତି ନିଜ




ବିଚାରରେ କାହାକୁ ସଦ୍‌ଗୁରୁ ପଦ ପ୍ରଦାନ କରି ପାରିବେ ନାହିଁ । ଏହା ଈଶ୍ୱରୀୟ ପ୍ରବାହ ଅଟେ । ଯେତେବେଳେ ତାହା ପ୍ରକଟ ହେବ, ସେତେବେଳେ ସଦ୍‌ଗୁରୁ ପଦ ପ୍ରାପ୍ତ ହେବ । ସଂସାରରେ ସଦ୍‌ଗୁରୁ ପଦ ସର୍ବଶ୍ରେଷ୍ଠ ଓ ସର୍ବପୂଜ୍ୟ ଅଟେ ।

**ଜିଜ୍ଞାସୁ ଚାର ପ୍ରକାର କେ, ଗୁରୁ ଶରଣାଗତ ଜାନ ।**
**ଉତ୍ତମ ମଧ୍ୟମ ନୀଚ ହେଁ, ଅଧମ କୋଟି କେ ମାନ ॥୧୩॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଜିଜ୍ଞାସୁ ଉତ୍ତମ, ମଧ୍ୟମ, କନିଷ୍ଠ, ଅଧମ - ଏହି ଚାରି ପ୍ରକାରର ଭେଦରୁ ସଦ୍‌ଗୁରୁଙ୍କର ଶରଣାଗତ ହୋଇଥାନ୍ତି ।

**ଦୋ ପ୍ରକାର ପ୍ରଭୁ ପ୍ରାର୍ଥନା, ପ୍ରାକୃତ ଅରୁ ଅଧ୍ୟାତ୍ମ ।**
**ପ୍ରାକୃତ ବାହ୍ୟ ପରୋକ୍ଷ ହୈଁ, ଅପରୋକ୍ଷ ଅଧ୍ୟାତ୍ମ ॥୧୪॥**

ଭାଷ୍ୟ - ପ୍ରଭୁଙ୍କର ପ୍ରାର୍ଥନା ଦୁଇ ପ୍ରକାରର ହୋଇଥାଏ । ପ୍ରଥମତଃ ମନ ଏବଂ ବାଣୀ ଦ୍ୱାରା, ଯାହାକୁ ପ୍ରାକୃତିକ କୁହାଯାଏ ଏବଂ ଦ୍ୱିତୀୟତଃ ଆଧ୍ୟାତ୍ମିକ, ଯାହା ବ୍ରହ୍ମ ସାକ୍ଷାତ୍‌କାର ହେବା ପରେ ଯୋଗୀଜନ ନିଜ ଚେତନ ଭୂମିରେ କରିଥାନ୍ତି । ସେମାନଙ୍କର ଏକମାତ୍ର ଭାବ ସଂକଳ୍ପ ହୋଇଥାଏ ଆଉ ପ୍ରଭୁ ସେହି ସଂକଳ୍ପକୁ ପୂରଣ କରିଥାନ୍ତି । ପ୍ରାକୃତ ପ୍ରାର୍ଥନା ବାହ୍ୟ ଅଟେ । ଆଧ୍ୟାତ୍ମିକ ପ୍ରାର୍ଥନା ଅପରୋକ୍ଷ ସାକ୍ଷାତ୍‌କାର ଅବସ୍ଥାରେ ହୋଇଥାଏ । ସଂସାରୀ ଜନଙ୍କ ନିମନ୍ତେ ପ୍ରାକୃତ ପ୍ରାର୍ଥନା ନିତାନ୍ତ ଆବଶ୍ୟକ ଅଟେ ।

**କେଶରିୟା ଧାରଣ କରେ, ୱୀର ୱିଲକ୍ଷଣ ରୂପ ।**
**ୱୀତରାଗୀ ଅଭ୍ୟାସ ମେଁ, ତୈଁୟା ଜଗ ଅଦ୍‌ଭୁତ ରୂପ ॥୧୫॥**

ଭାଷ୍ୟ - ଯେଉଁ ପ୍ରକାର ବୀର ଗେରୁଆ ବସ୍ତ୍ର ପରିଧାନ କରି ଜୀବନକୁ ବାଜି ଲଗେଇ ସଂଗ୍ରାମ ସ୍ଥଳକୁ ଯାଏ, ସେହି ପ୍ରକାର ବୀତରାଗୀ ପୁରୁଷ ସଂସାରର ମାନ, ମୋହ, ଇଚ୍ଛା ଆଦି ସର୍ବସ୍ୱ ତ୍ୟାଗ କରି ଯୋଗାଭ୍ୟାସ ରୂପୀ ସଂଗ୍ରାମକୁ ଜିଣିବା ପାଇଁ ଅଦ୍ଭୁତ ସ୍ୱରୂପ ଧାରଣ କରି ଆଧ୍ୟାତ୍ମ ପଥରେ ଅଗ୍ରସର ହୋଇଥାଏ ।

**ସହଜ ଯୋଗ ଅଭ୍ୟାସ ସେ, ଦିନ ଦିନ ଜଡ଼ ଗୁଣ ଜାୟ ।**
**ପ୍ରକଟେ ଚେତନ ଶୁଦ୍ଧ ଗୁଣ, ଆତ୍ମିକ ୱଲ ନିଜ ଆୟ ॥୧୬॥**

ଭାଷ୍ୟ - ସହଜ ଯୋଗର ଚେତନ ଅଭ୍ୟାସରୁ ଦିନକୁ ଦିନ ଜଡ଼ ଗୁଣଗୁଡ଼ିକର ଅଭାବ ହେବାରେ ଲାଗେ ଆଉ ଆତ୍ମା ଭିତରେ ଶୁଦ୍ଧ ଚେତନ ଗୁଣଗୁଡ଼ିକର ପ୍ରାଦୁର୍ଭାବ ହୋଇ ଆତ୍ମିକ ବଳ ପୂର୍ଣ୍ଣ ରୂପରେ ପ୍ରକଟ ହୋଇଥାଏ ।

**ମହ ଅକାଶ ମଣ୍ଡଲ ବନେ, ଯହ ବ୍ରହ୍ମାଣ୍ଡ କହ ତାହି ।**
**ପଞ୍ଚଭୂତ ଆଧାର ମେଁ, ଜଗତ ଦୃଶ୍ୟ ଜଡ଼ ଜାହି ॥୧୭॥**

ଭାଷ୍ୟ - ମହାକାଶର ଏକ ମଣ୍ଡଳ ଥାଏ, ଯାହାକୁ ବ୍ରହ୍ମାଣ୍ଡ କୁହାଯାଏ । ସେହି ମହାକାଶ, ମହାମଣ୍ଡଳରେ ପଞ୍ଚଭୂତ ଦ୍ୱାରା ସମସ୍ତ ଜଡ଼ ଜଗତର ଦୃଶ୍ୟ ସ୍ଥିତ ଅଛି ।

**ସଦ୍‌ଗୁରୁ ପରିଧି ନିୱାସ ମେଁ, ମନ ମାୟା ଭୟ ନାହିଁ ।**
**ମନମୁଖ ଜିୱ ସାଧନ ନହୀଁ, ଭଟକ ଭରମ ଜଗ ମାହିଁ ॥୧୮॥**

ଭାଷ୍ୟ - ସଦ୍‌ଗୁରୁ ନିୟମ ସିଦ୍ଧାନ୍ତରେ ରହିବା ଫଳରେ ମନ ମାୟାର ଭୟ ରହେ ନାହିଁ । ମନମୁଖୀ କରୁଥିବା ଜୀବମାନଙ୍କର ସାଧନା ନିଷ୍ଫଳ ହୋଇଥାଏ । ସେମାନେ ଅଜ୍ଞାନ ଅନ୍ଧକାରରେ ଭ୍ରମିତ ହୋଇ ସଂସାରରେ ଘୂରି ବୁଲନ୍ତି । ସଦ୍‌ଗୁରୁ ନିୟମ ସିଦ୍ଧାନ୍ତ ମର୍ଯ୍ୟାଦାରେ ରହିବା ଦ୍ୱାରା ହିଁ ଆଧ୍ୟାତ୍ମିକ ଲକ୍ଷ୍ୟର ପ୍ରାପ୍ତି ହୋଇଥାଏ ।

**ଜ୍ଞାନୀ ଶାପ ନ ଲାଗଈ, ୱିଘ୍ନ ନ ବାଧକ ହୋୟ ।**
**ମୋହ ଶୋକ ନହିଁ ତାହି କୋ, କର୍ମ ନ ବନ୍ଧନ ହୋୟ ॥୧୯॥**

ଭାଷ୍ୟ - ଅନୁଭବ ଚେତନ ତତ୍ତ୍ୱଦର୍ଶୀ ବିହଙ୍ଗମ ଯୋଗୀକୁ ଅଭିଶାପ ଲାଗେ ନାହିଁ, ନା କୌଣସି ବିଘ୍ନ ବାଧା ଦେଇଥାଏ । ନା ତାଙ୍କୁ ସଂସାରର କୌଣସି ବସ୍ତୁର ମୋହ ଅଥବା ଶୋକ ହୋଇଥାଏ । ତାଙ୍କୁ ଇନ୍ଦ୍ରିୟ ଜଗତର କର୍ମ ବନ୍ଧନରେ ବାନ୍ଧି ରଖାଯାଇ ପାରିବ ନାହିଁ । ସେ ଶୁଭ ଅଶୁଭ ସମସ୍ତ କର୍ମରୁ ପୃଥକ ରହି, ଅନାତ୍ମ ଜଗତରୁ ପୃଥକ ଚେତନ ପରମାନନ୍ଦରେ ନିମଗ୍ନ ରହିଥାନ୍ତି ।

**ସନ ମାରଗ ଅତି ସୂକ୍ଷ୍ମ ହୈଁ, ଭଜନ କରୋ ଚିତ ଶାନ୍ତ ।**
**ସଦ୍‌ଗୁରୁ ଶରଣ ଅଧୀନ ମେଁ, ସନ୍ତ ଅଭୟ ସୁଖ ଶାନ୍ତ ॥୨୦॥**

ଭାଷ୍ୟ - ବିହଙ୍ଗମ ମାର୍ଗ ସର୍ବଶ୍ରେଷ୍ଠ ଭୂମି ଅଟେ । ଚିତ୍ତକୁ ଶାନ୍ତ କରି, ଅନ୍ତର୍ମୁଖୀ ହୋଇ, ଭଜନ କରିବା ଉଚିତ । ବିବେକୀ ସନ୍ଥ ସଦ୍‌ଗୁରୁ ନିୟମର ଅନୁକୂଳ ରହି ଭଜନ ଯୋଗାଭ୍ୟାସ ଦ୍ୱାରା ଅଚଳ ଆଉ ନିର୍ଭୟ ସୁଖ ଶାନ୍ତିକୁ ପ୍ରାପ୍ତ କରିଥାନ୍ତି ।

# ଓଜନ କମାଏ ନାସପାତି

ପ୍ରତିଦିନ ଗୋଟିଏ ନାସପାତି ଖାଇଲେ ଓଜନ ହ୍ରାସ ଘଟିଥାଏ । ଏହାକୁ ନିୟମିତ ବ୍ୟବହାର କଲେ ଶରୀରରେ ୩୫ ପ୍ରତିଶତ ପର୍ଯ୍ୟନ୍ତ ମେଦ ହ୍ରାସ ପାଇଥାଏ ବୋଲି ଲୁସିୟାନା ଷ୍ଟେଟ ୟୁନିଭର୍ସିଟିର ଗବେଷକମାନେ ୨୦୦୧ ରୁ ୨୦୧୦ ମସିହା ମଧରେ କରିଥିବା ଗବେଷଣାରୁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ବିଶେଷ କରି ବୟସ୍କ ଲୋକଙ୍କ ଉପରେ ଏହି ଗବେଷଣା କରାଯାଇଥିଲା । ପ୍ରତିଦିନ ନାସପାତି ଖାଉଥିବା ବୟସ୍କ ବ୍ୟକ୍ତି ଖାଦ୍ୟ, ପାଚନ, ପୋଷକ, ତତ୍ତ୍ୱର ଗୁଣ ଓ ହୃଦ୍ ସମ୍ପର୍କିତ ରୋଗର ବିଶ୍ଳେଷଣ କରାଯାଇଥିଲା । ଗବେଷକଙ୍କ ମତରେ ନାସପାତିରେ ଶରୀରରୁ ଓଜନ ହ୍ରାସ କରିବାର ଗୁଣ ରହିଛି । ନାସପାତି ଫ୍ୟାଟ୍, କୋଲେଷ୍ଟ୍ରଲ ଓ ସୋଡିୟମ୍ ଫ୍ରି ତତ୍ତ୍ୱ ରହିଛି । ଏହା ସହିତ ଏଥିରେ ଭିଟାମିନ୍ ସି, ମ୍ୟାଗ୍ନେସିୟମ, କପର୍ ଓ ପୋଟାସିୟମ୍ ଭରପୁର ମାତ୍ରାରେ ରହିଛି । ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ପୂର୍ବରୁ ଜଣାଯାଉଥିଲା । ଏବେ ନାସପାତି ଖାଇବା ଦ୍ୱାରା ଓଜନ କମିବା ଜଣାପଡିଛି । ନାସପାତି ଖାଇବା ଦ୍ୱାରା ଅଧିକ



ଓଜନ ଲାଗି ଚିନ୍ତାରେ ରହୁଥିବା ବ୍ୟକ୍ତିମାନଙ୍କ ପାଇଁ ବେଶ୍ ଲାଭଦାୟକ ହେବ । ନିଜ ମୋଟାପଣ ଲାଗି ଦୁଃଶ୍ଚିନ୍ତାରେ ଥିବା ଲୋକମାନେ ପ୍ରତିଦିନ ନାସପାତି ଖାଇ ସେମାନଙ୍କ ଓଜନକୁ ୩୫ ପ୍ରତିଶତ ପର୍ଯ୍ୟନ୍ତ କମ୍ କରି ପାରିବେ । ବିଭିନ୍ନ ପ୍ରକାର ଔଷଧ ଖାଇ ଡାଏଟ୍ କରି ଓଜନ କମାଇବା ଅପେକ୍ଷା ସୁବିଧା ଓ ସୁଲଭ ଦରରେ ମିଳୁଥିବା ନାସପାତି ଲାଭଦାୟକ ହେବ ବୋଲି ଏହା ଉପରେ ଗବେଷଣା କରୁଥିବା ବିଶେଷଜ୍ଞମାନେ କହିଛନ୍ତି ।

## ଟିକିଏ ହସନ୍ତୁ

ସ୍ୱାମୀ : କ'ଣ ତୁମେ ମୋ ଜୀବନରେ ଚାନ୍ଦ ହୋଇ ଆସିବ କି ?
ସ୍ତ୍ରୀ : ହଁ ଜାନୁ ।
ସ୍ୱାମୀ : ତା ହେଲେ ତୁମେ ମୋଠାରୁ ୩୮୪,୪୦୦ କିଲୋମିଟର ଦୂରରେ ରୁହ ।

× × × ×

ରାମୁ : ଜେଜେବାପା ତୁମେ କେଉଁ ଦେଶ ସବୁ ବୁଲି ସାରିଲଣି ?
ଜେଜେବାପା : ମୁଁ ପୁରା ହିନ୍ଦୁସ୍ଥାନ, ପାକିସ୍ତାନ, ଆଫଗାନିସ୍ତାନ ବୁଲିଛି ।
ରାମୁ : ଏଥର କେଉଁଠିକୁ ଯିବ ?
ଜେଜେ ବାପା : ଜାଣିନି ।
ରାମୁ : ଏଥର ନିଶ୍ଚୟ କବରସ୍ଥାନ ଯିବ ।

× × × ×



ସ୍ତ୍ରୀ : ମୁଁ ଆଉ ବଞ୍ଚିବିନି ମରିଯିବି ।
ସ୍ୱାମୀ : ମୁଁ ବି ମରିଯିବି ।
ସ୍ତ୍ରୀ : ମତେ ରୋଗ ହେଇଛି ସେଥିପାଇଁ ମୁଁ ମରିଯିବି । ହେଲେ ତୁମେ କାହିଁକି ମରିବ ?
ସ୍ୱାମୀ : କାରଣ ମୁଁ ଏତେ ଖୁସି ସହିପାରିବିନି ।

× × ×

ପୁଲିସ : ଆପଣଙ୍କ ଘରର ତଲାସି ନେବାକୁ ପଡିବ । ଆମକୁ ଖବର ମିଳିଛି ଆପଣଙ୍କ ଘରେ ବିସ୍ଫୋରକ ସାମଗ୍ରୀ ଅଛି ।
ସ୍ୱାମୀ : ସାର୍ ଖବର ପୂରା ସତ କିନ୍ତୁ.. ।
ପୁଲିସ : କିନ୍ତୁ କ'ଣ ?
ସ୍ୱାମୀ : ଏବେ ସେ ଘରେ ନାହିଁ ତା' ବାପ ଘରକୁ ଯାଇଛି ।

× × × ×

ଯୁବକ : ଭାବି ଶ୍ୱଶୁରଙ୍କୁ ଯାଇ ପଚାରି କହିଲେ ମୁଁ ଆପଣଙ୍କ ଝିଅକୁ ବିବାହ କରିବାକୁ ଚାହୁଁଛି ।
ଭାବି ଶ୍ୱଶୁର : ବାପା ତୁମର ମାସିକ ରୋଜଗାର କେତେ ?
ଯୁବକ : ୧୮୦୦୦
ଭାବି ଶ୍ୱଶୁର : ଆରେ ମୋ ଝିଅ ତ ମାସକୁ ୧୫ ହଜାର ଦରମା ପାଉଛି ।
ଯୁବକ : ତାକୁ ତ ମିଶାଇ କହୁଛି ।

× × × ×

ରାମୁ : ଜାଣିଲୁ ସାଙ୍ଗ ପ୍ରତି ବର୍ଷ ଭାଲେଣ୍ଟାଇନ ଡେ'ରେ ମୋତେ ଝିଅ ମାନେ ଧୋକା ଦେଉଛନ୍ତି ।
ଗୋପୀ : କାହିଁକି ?
ରାମୁ : କାରଣ ପ୍ରପୋଜ ଡେ'ରେ ମୁଁ ସେମାନଙ୍କୁ କହୁଛି ଦିଦି ମୁଁ ତୁମ ପାଇଁ ଫୁଲ ଆଣିଛି ।

## ଭୃଙ୍ଗରାଜର ଉପକାରିତା

ସାରା ଭାରତରେ ଦେଖାଯାଏ ଭୃଙ୍ଗରାଜ । କୌଣସି ସନ୍ତସନ୍ତିଆ ସ୍ଥାନ, ପୋଖରୀ କୂଳରେ ଏହି ଗଛ ବହୁଳ ଭାବେ ଦେଖିବାକୁ ମିଳେ । କିଛି ଭୃଙ୍ଗରାଜରେ ହଳଦିଆ ଫୁଲ ଦେଖିବାକୁ ମିଳେ ତ କେତେକରେ ଧଳା । କେଶକୁ ସୁସ୍ଥ ରଖିବା, ଶରୀରକୁ ଶକ୍ତିଶାଳୀ କରିବା, ବୟସର ଛାପକୁ ହ୍ରାସ କରିବା ପରି ଅନେକ ଉପକାରିତା ଏହାର ରହିଛି । ଆୟୁର୍ବେଦରେ ଏହି ଗଛର ବିଭିନ୍ନ ଔଷଧୀୟ ଗୁଣ ସମ୍ପର୍କରେ ଉଲ୍ଲେଖ ରହିଛି ।



ଭୃଙ୍ଗରାଜର ନିୟମିତ ସେବନ ଦ୍ୱାରା ପାଚନଶକ୍ତିର ବୃଦ୍ଧି ଘଟେ । ଆମର ବୃହଦନ୍ତ୍ରରୁ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିବାରେ ଏହା ସହାୟକ ହୋଇଥାଏ । ଅଜୀର୍ଣ୍ଣ ଦୂର କରିଥାଏ । ପ୍ରତିଦିନ ଚାରି ପାଞ୍ଚଟି ଏହାର ପତ୍ର ଖାଇବା ଦ୍ୱାରା କୋଷ୍ଠବଦ୍ଧତା ଦୂର ହୁଏ ।

ଭୃଙ୍ଗରାଜରେ ଆଣ୍ଟିସେପ୍ଟିକ୍ ତଥା ଜୀବାଣୁରୋଧୀ ତତ୍ତ୍ୱ ରହିଛି । ଏହା ମୂତ୍ର ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ । ମହିଳାମାନଙ୍କ ଠାରେ ସାଧାରଣତଃ ପରିସ୍ରା ସଂକ୍ରମଣଜନିତ ସମସ୍ୟା ଦେଖାଯାଇଥାଏ । ଏହି ପତ୍ରରେ ଅଳ୍ପ ପାଣି ଦେଇ ତାକୁ ବାଟି ଦିଅନ୍ତୁ । ଏହି ରସକୁ ଛାଣି ଦିନକୁ ଦୁଇଥର ନିୟମିତ ସେବନ କରନ୍ତୁ ।

ଭୃଙ୍ଗରାଜର ନିୟମିତ ସେବନ ଫୁସଫୁସ୍‌ର ସଂକ୍ରମଣକୁ ରୋକିଥାଏ । ଭୃଙ୍ଗରାଜର ରସ ଏବଂ ରାଶି ତେଲକୁ ସମାନ ମାତ୍ରାରେ ନେଇ ନିଆଁରେ ଫୁଟାଇ ଦିଅନ୍ତୁ । ଏହାକୁ ଛାଣି ଅଧାଚାମଚରୁ ଏକ ଚାମଚ ପର୍ଯ୍ୟନ୍ତ ଦିନକୁ ଦୁଇଥର ସକାଳେ ଏବଂ ସନ୍ଧ୍ୟାରେ ସେବନ କରନ୍ତୁ ।

କେଶକୁ କଳା ରଖିବାକୁ ଚାହୁଁଥିଲେ ପ୍ରତିଦିନ ଏହାର ପତ୍ରର ରସକୁ ମୁଣ୍ଡରେ ମାଲିସ୍ କରନ୍ତୁ । ଭୃଙ୍ଗରାଜ ଏବଂ ଅଁଳାର ତାଜା ପତ୍ରକୁ ଛେଚି କେଶମୂଳେ ଲଗାନ୍ତୁ । ଏହା କେଶକୁ ମଜଭୁତ କରିଥାଏ ।

ପେଟ ଖରାପ ଥିଲେ ଭୃଙ୍ଗରାଜ ପତ୍ରର ରସ କିମ୍ବା ଏହାର ଚୂର୍ଣ୍ଣ ୧୦ ଗ୍ରାମ ନେଇ ଗୋଟେ ଗିନା ଦହିରେ ମିଶାଇ ଦିନକୁ ଦୁଇଥର ଲେଖା ତିନି ଦିନ ଖାଆନ୍ତୁ ।

ମାଇଗ୍ରେନ୍ ବା ଅର୍ଦ୍ଧକପାଳୀର ଯନ୍ତ୍ରଣା ହ୍ରାସ ପାଇଁ ଭୃଙ୍ଗରାଜ ପତ୍ରକୁ ଛେଚି କ୍ଷୀରରେ ସିଝାଇ ଏହି କ୍ଷୀରର ମାତ୍ର କେଇ ବୁନ୍ଦା ନାକରେ ପକାନ୍ତୁ ।

ଭୃଙ୍ଗରାଜ ଗଛକୁ ଶୁଖାଇ ତାକୁ ଚୂର୍ଣ୍ଣ କରିଦିଅନ୍ତୁ । ସମାନ ପରିମାଣର ହରିଡ଼ା ଚୂର୍ଣ୍ଣ ସେଥିରେ ମିଶାଇ ଏହାକୁ ଗୁଡ ସହ ସେବନ କରିବା ଦ୍ୱାରା ଅମ୍ଳରୋଗ ଦୂର ହୁଏ ।

କେହି ଯଦି ଖନେଇ ଖନେଇ କହୁଥାଏ ତେବେ ଏହି ଗଛର ରସରେ ଦେଶୀ ଘିଅ ମିଶାଇ ତାକୁ ନିଆଁରେ ଫୁଟାଇ ଦୈନିକ ୧୦ ଗ୍ରାମ ପିଇବାକୁ ଦେବା ଦରକାର । ଗୋଟେ ମାସ ଯାଏଁ ଏହାକୁ ପିଆନ୍ତୁ ।

ଜଣ୍ଡିସ୍ ବା କାମଳ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଏହି ଗଛର ଚୂର୍ଣ୍ଣ ସହ ମିଶ୍ରି ମିଶାଇ ଖାଇବାକୁ ଦିଅନ୍ତୁ । ଆହୁରି ମଧ ଆପଣ ଭୃଙ୍ଗରାଜକୁ ଛେଚି ତା'ର ପତ୍ରରୁ ୧୦ ଗ୍ରାମ ରସ ବାହାର କରି ସେଥିରେ ଗୋଟିଏ ଗ୍ରାମ ଗୋଲମରିଚ ଗୁଣ୍ଡ ମିଶାଇ ଦିନକୁ ତିନିଥର ତିନିଦିନ ଯାଏଁ ପିଆଇ ପାରିବେ । ଏହି ମିଶ୍ରଣରେ ଟିକେ ମିଶ୍ରିଗୁଣ୍ଡ ମଧ ମିଶାଇ ପାରିବେ ।

ଗୁଦାଭ୍ରଂଶ ପାଇଁ ଭୃଙ୍ଗରାଜର ଚେର ଏବଂ ହଳଦୀକୁ ମିଶାଇ ପ୍ରସ୍ତୁତ ହୋଇଥିବା ମଲମ ବ୍ୟବହାର କରାଯାଇଥାଏ ।

ଧଳାଦାଗ ଦୂର ପାଇଁ କଳାପତ୍ର ଏବଂ କଳାଶାଖାଯୁକ୍ତ ଭୃଙ୍ଗରାଜ ସଂଗ୍ରହ କରନ୍ତୁ । ଏହାକୁ ନିଆଁରେ ସେକି ଚାରିମାସ ଯାଏଁ ଖାଇବାକୁ ପଡିଥାଏ ।

ଗର୍ଭ ରହୁ ନ ଥିବା ମହିଳାଙ୍କ ଗର୍ଭାଶୟକୁ ଶକ୍ତିଶାଳୀ କରିବା ପାଇଁ ତାଙ୍କୁ ଦୈନିକ ପାଞ୍ଚ/ ଛଅ ଗ୍ରାମ ତାଜା ଭୃଙ୍ଗରାଜ ପତ୍ରର ରସ ପିଇବାକୁ ଦେବା ଦରକାର ।

ଆଖିକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଭୃଙ୍ଗରାଜ ପତ୍ରର ତିନି ଗ୍ରାମ ଚୂର୍ଣ୍ଣ ଗୋଟେ ଚାମଚ ମହୁରେ ମିଶାଇ ପ୍ରତିଦିନ ଖାଲିପେଟରେ ସେବନ କରନ୍ତୁ ।

ଭୃଙ୍ଗରାଜର ରସରେ ଯକୃତ ଆରୋଗ୍ୟର ଅନେକ ଗୁଣ ରହିଛି ।

ତ୍ରିଫଳା ଚୂର୍ଣ୍ଣରେ ଭୃଙ୍ଗରାଜ ରସ ଗୋଳାଇ ତାକୁ ଶୁଖାଇ ପ୍ରତିଦିନ ଅଧା ଚାମଚ ପାଣିରେ ସେବନ କରିବା ଦ୍ୱାରା କେଶ ଧଳା ହୁଏ ନାହିଁ । ତେବେ ଏସବୁ ଉତ୍ତମ ବୈଦ୍ୟଙ୍କ ପରାମର୍ଶରେ କରାଯିବା ଉଚିତ ।

## ଆପଣ ଜାଣନ୍ତି କି ?

- ସନ୍ତରଣ କଲା ବେଳେ ଡଲଫିନ୍ ତାର ମସ୍ତିଷ୍କର ଗୋଟିଏ ପଟକୁ ସୁପ୍ତ ରଖିପାରୁଥିବା ବେଳେ ଅନ୍ୟ ପଟଟିକୁ ସକ୍ରିୟ ରଖିପାରେ ।
- ୨୦୧୭ ମସିହାରେ ପ୍ରକାଶିତ ମିଳିତ ଜାତିସଂଘର ଏକ ଆଲେଖ୍ୟରୁ ଏହା ଆଶଙ୍କା କରାଯାଇଛି ଯେ କାର୍ବନ ନିଃସରଣ ମାତ୍ରା ହ୍ରାସ ନ ପାଇଲେ ୨୧୦୦ ମସିହା ବେଳକୁ ୨୯ଟି ଐତିହ୍ୟବାହି ପ୍ରବାଳ ପ୍ରାଚୀର ଧ୍ୱଂସ ପାଇଯିବ ।
- ଉତ୍ତର କାନାଡାରେ ଦେଖା ଯାଉଥିବା ନାଲି ରଙ୍ଗର ଏକ ପ୍ରକାରର ବାଦୁଡି ଶୀତନିଦ୍ରାକୁ ଚାଲିଗଲେ ଜୀବିତ ରହିବା ପାଇଁ ୧୦ ମିନିଟରେ ଥରେ ମାତ୍ର ନିଃଶ୍ୱାସ ନେଇଥାଆନ୍ତି ।
- ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଗଛର ନାଁ ୪୫ ଜେନେରା । ଗବେଷଣାରୁ ଜଣାଯାଇଛି ଯେ ଏହି ଗଛ ପ୍ରତିଦିନ ୯୧ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।
- ଖାଦ୍ୟ ପ୍ରତି ଥିବା ଭୟକୁ କୁହାଯାଏ ସିବୋଫୋବିୟା ।
- କ୍ରାନବେରିକୁ କୁହାଯାଇଥାଏ ବାଉନ୍ସ ବେରି । କାରଣ ପାଚିଗଲା ପରେ ଏହି କୋଳିଗୁଡିକ ତଳେ ପଡିଲେ ରବର ବଲ ଭଳି ଡିଆଁ ମାରିଥାଆନ୍ତି ।
- ଟ୍ରେଟ୍ରୋପ୍ୟାକର '୧୦୦ ପ୍ରତିଶତ ଖାଣ୍ଟି' ଲେମ୍ବୁ ରସ ୧୦୦ ପ୍ରତିଶତ କୃତ୍ରିମ ସ୍ୱାଦରେ ଭରା ।
- ଜାଣିଲେ ଅବାକ୍ ହେବେ ଯେ ବନ୍ଧାକୋବିର ୯୧ ପ୍ରତିଶତ ହେଉଛି ପାଣି ।
- ଜୋକର କେତୋଟି ମସ୍ତିଷ୍କ ଥାଏ ଜାଣନ୍ତି ? ଭାବୁଛନ୍ତି କି ଦୁଇ ତିନୋଟି ହୋଇଥିବ । ଜୋକର ୩୨ ଟି ମସ୍ତିଷ୍କ ଥାଏ ।

## ଆଖିକୁ ସୁସ୍ଥ ରଖେ ଘିଅ

ଗୁଆଘିଅ ପାଟିକୁ ସୁଆଦିଆ ଲାଗିବା ସହିତ ସ୍ୱାସ୍ଥ୍ୟପକ୍ଷେ ହିତକର ସାବ୍ୟସ୍ତ ହୋଇଥାଏ । ସକାଳ, ଦ୍ୱିପହର କିମ୍ବା ରାତିରେ ଜଣେ ଘିଅ ଖାଇ ପାରିବେ । ଯଦି ପେଟରେ ଗ୍ୟାସ୍ ସମସ୍ୟା ଅଛି ତେବେ ଘିଅ ଏହାର ଭଲ ଉପଚାର ହୋଇଥାଏ ।

ଅନେକ ଲୋକ ଭାବନ୍ତି, ଘିଅରେ ଅଧିକ ମାତ୍ରାରେ ଫ୍ୟାଟ୍ ଥାଏ ଯାହା ହୃଦୟକୁ କ୍ଷତି ପହଞ୍ଚାଇଥାଏ । କିନ୍ତୁ ଏଭଳି ଭାବିବା ସମ୍ପୂର୍ଣ୍ଣ ଭୁଲ୍ । ଘିଅର ଧିମା ଓମେଗା-୩ ଫ୍ୟାଟି ଏସିଡ୍ ଶରୀରରେ କୋଲେଷ୍ଟ୍ରୋଲ ମାତ୍ରାକୁ କମ୍ କରିଥାଏ । ଶରୀରକୁ ସୁସ୍ଥ ରଖିଥାଏ ଓ ଫ୍ୟାଟ୍‌କୁ କମ୍ କରିଥାଏ । ଶରୀର ଫୁଲାର ସମସ୍ୟାକୁ କମ୍ କରିଥାଏ ଘିଅ । ଘିଅରେ ରହିଥିବା ବୁଟେରିକ୍ ଏସିଡ୍ ଶରୀର ପାଇଁ ନିତାନ୍ତ ଆବଶ୍ୟକ । ଶରୀରରେ ଦେଖା ଯାଉଥିବା ଫୁଲା ସମସ୍ୟାକୁ ବୁଟେରିକ୍ ଏସିଡ୍ କମ୍ କରିଥାଏ । ଏହା ଗ୍ୟାସ୍ ସମସ୍ୟାକୁ ମଧ ଦୂର କରିଥାଏ । ଚର୍ମକୁ ସତେଜ ଓ ସୁସ୍ଥ ରଖିଥାଏ ଘିଅ । ଘିଅରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ କ୍ୟାନ୍ସର ଭଳି ରୋଗକୁ ଦୂରେଇ ଦିଏ । ଘିଅରେ ଭିଟାମିନ୍ ଏ'ର ମାତ୍ରା ଅଧିକ ରହିଥିବାରୁ ଆଖି ସୁସ୍ଥ ରହିଥାଏ । ଆଣ୍ଟି ଅକ୍ସିଡାଣ୍ଟ ଆଖିର ଶୁଷ୍କତା, ଆଖିରୁ ପାଣି ବାହାରିବା, ମୋତିଆବିନ୍ଦୁ ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଆଖିରେ ଧୂଳି ପଡିଲେ ଘିଅ ଲଗାଇବାକୁ ଚକ୍ଷୁ ଡାକ୍ତର ପରାମର୍ଶ ମଧ ଦେଇଥାନ୍ତି ।



## କହିପାରିବେ କି ?

(୧) ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା କିଏ ?

(୨) କେଉଁ ଭାରତୀୟ ଆଥଲେଟ୍ ୨୦୦୨ ମସିହା ଏସିଆନ୍ ଗେମ୍ସରେ ୧୫୦୦ ମିଟର ରେସରେ ରେକର୍ଡ କରିଥିଲେ ?

(୩) ୨୦୧୪ ଏସିଆନ୍ ଗେମ୍ସର କେଉଁ ବିଭାଗରେ ଭାରତର ଉଭୟ ପୁରୁଷ ଓ ମହିଳା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ?

(୪) ୨୦୧୪ ଏସିଆନ୍ ଗେମ୍ସର ଉଦଘାଟନୀ ସମାରୋହରେ ଭାରତୀୟ ଦଳର ନେତୃତ୍ୱ କିଏ ନେଇଥିଲେ ?

(୫) କେଉଁ ସହରରେ ସର୍ବାଧିକ ଥର ଏସିଆନ୍ ଗେମ୍ସ ଅନୁଷ୍ଠିତ ହୋଇଛି ?

(୬) କେଉଁ ବର୍ଷ ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସ ଆରମ୍ଭ ହୋଇଥିଲା ?

(୭) ୨୦୧୮ ରେ ଏସିଆନ୍ ଗେମ୍ସ କେଉଁଠାରେ ଅନୁଷ୍ଠିତ ହେବ ?

(୮) ଏସିଆନ୍ ଗେମ୍ସରେ ଭାରତର ପୁରୁଷ ହକି ବିଭାଗ କେତେ ଥର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ?

(୯) ୨୦୧୪ ରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ଗେମ୍ସରେ କେତୋଟି ଦେଶ ଅଂଶ ଗ୍ରହଣ କରିଥିଲେ ?

(୧୦) ବିଶ୍ୱରେ ସର୍ବୋଚ୍ଚ ଶୃଙ୍ଗ କେଉଁଟି ?

### JUMBLE WORDS

| | | | |
|---|---|---|---|
| 1) GRWEA | = | 6) GREEV | = |
| 2) THFCE | = | 7) GREEME | = |
| 3) TILUDE | = | 8) TCOPIE | = |
| 4) CNNCAA | = | 9) RYDTI | = |
| 5) RANDW | = | 10) SYMSE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.କଳମ୍ବିଆ, ୨.ବାଙ୍ଗାଲୋର, ୩.ଶଂଖଚୂଡ଼ (ଏକ ନାଗୁଣି), ୪.ମଣ୍ଡୁକ ଉପନିଷଦରୁ, ୫.୬ଟି, ୬.କୁଏତ୍ ସିଟି, ୭.ଖାଁ ଅବଦୁଲ ଗଫର ଖାଁ, ୮.ଚିତ୍ତରଞ୍ଜନ ଦାସ, ୯.ସାର୍ ଆଶୁତୋଷ ମୁଖାର୍ଜୀ, ୧୦. ଶ୍ୟାମା ପ୍ରସାଦ ମୁଖାର୍ଜୀ ।

***Jumble Words* ର ଉତ୍ତର :-**

(1) DIRTY (2) BURST (3) FREEZE (4) SPOKEN (5) GLAZE (6) FINCH (7) JOSTLE (8) FEELINE (9) KNACK (10) GUIDE.

## ରାଜ୍ୟର ପୁରପଲ୍ଲୀରେ ଗଙ୍ଗାଧର... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସଭାରେ କ୍ଲବର ସଭ୍ୟ ବିନୋଦାନନ୍ଦ ସାହୁ ସ୍ୱାଗତ ଭାଷଣ, କ୍ଲବର ସମ୍ପାଦକ ଆନନ୍ଦ ମେହେର ଅତିଥି ପରିଚୟ ଓ ସହ ସମ୍ପାଦକ ବାଲ୍‌କିଶୋର ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ 'ହରିପ୍ରିୟା ମୁଣ୍ଡ ସ୍ମାରକୀ ଗଙ୍ଗାଧର ସମ୍ମାନ' ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

ଗାଇସିଲେଟ୍ ଗଙ୍ଗାଧର ସାହିତ୍ୟ ସଂସଦ ପକ୍ଷରୁ ଦିବାକର ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେହେର ଜୟନ୍ତୀ କାର୍ଯ୍ୟକ୍ରମରେ ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଟେକଚାନ୍ଦ ଦୁଆନ ମୁଖ୍ୟ ଅତିଥି, ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟବକ୍ତା ଓ ବରଗଡ଼ ମହିଳା ମହାବିଦ୍ୟାଳୟର ଅଧାପିକା ସଂଘମିତ୍ରା ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କବି ରସିକ ବେହେରାଙ୍କ 'ଶାନ୍ତିର ସନ୍ଧାନ ଓ ସୀତାଙ୍କ ସନ୍ଧାନ' କୃଷ୍ଣଚନ୍ଦ୍ର ଭୋଇଙ୍କ ସମୁଦ୍ର ମନ୍ଥନ କବିତା ସଙ୍କଳନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଗତ ମ୍ୟାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ତସଲିମା ବରିହା, ସ୍ମୃତିରେଖା ସାହୁ ଓ ଅଙ୍କିତା ସାହୁଙ୍କୁ 'ଯାଜ୍ଞସେନୀ ଦୁର୍ଗାପ୍ରସାଦ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ବରଗଡ଼ ମହିଳା ମହାବିଦ୍ୟାଳୟରେ ପ୍ରାଧାପକ ଦଧିବାମନ ଦାଶଙ୍କ ଅଧକ୍ଷତା ତଥା ଡକ୍ଟର ସଂଘମିତ୍ରା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଜୟନ୍ତୀ ସଭାରେ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମେହେର ସାହିତ୍ୟ ଉପରେ ଆଲୋଚନା କରିଥିଲେ । ଅଧାପକ ଧର୍ମରାଜ ଦାଶ ସ୍ୱାଗତ ଭାଷଣ, ଡକ୍ଟର ରୀନା କୁମାରୀ ମେହେର ଅତିଥି ପରିଚୟ ଓ ଅଧାପିକା ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂଚାର କଳାକାର ଜୟନ୍ତୀ ଦୀପଙ୍କୁ ସମ୍ମାନିତ କରାଯାଇଥିଲା । ଅଧାପକ ରାଧାକାନ୍ତ ମିଶ୍ର ମାନପତ୍ର ପାଠ କରିଥିଲେ ।

ସୋନପୁର ମହାନଦୀ ସାହିତ୍ୟ ସଂସଦ ଓ ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଶ୍ୟାମ ଓମ୍ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେହେର ଜୟନ୍ତୀ ଉତ୍ସବରେ ବିଡିଓ ରାଜେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଏବଂ ସାହିତ୍ୟ ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସାହିତ୍ୟ ସଂସଦର ଉପସଭାପତି ଡକ୍ଟର ପୁରୁଷୋତ୍ତମ ମିଶ୍ର ଅତିଥି ପରିଚୟ ପ୍ରଦାନ, ଡକ୍ଟର ସୌରଭ ରଞ୍ଜନ ଖମାରୀ ଓ ସହ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାୟତ୍ରୀ ଶକ୍ତିପୀଠରେ ଶ୍ରାବଣୀ ପର୍ବ

ସମ୍ବଲପୁର : ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ଠାରେ ଶ୍ରାବଣୀ ପର୍ବ ଉତ୍ସବ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ନୂତନ ଯଜ୍ଞୋପବୀତ ଧାରଣ ସହିତ କଷାୟ କଳନ୍ତରୁ ଦୂରେଇ ଦୁର୍ଗୁଣ ତ୍ୟାଗ, ଭଲଗୁଣ ଗ୍ରହଣ ଓ ଚାରା ରୋପଣରେ ସଂକଳ୍ପ ନିଆଯାଇଥିଲା । ଗାୟତ୍ରୀ ପରିବାରର ଭଉଣୀମାନେ ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ସେମାନଙ୍କର ଦୀର୍ଘ ଜୀବନ କାମନା କରିଥିଲେ । ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଯୁଗଳ କିଶୋର ଶତପଥୀଙ୍କ ବିୟୋଗରେ ଆତ୍ମାର ସଦଗତି ନିମନ୍ତେ ୫ ମିନିଟ୍ ଗାୟତ୍ରୀ ମନ୍ତ୍ର ଜପ ଓ ୫ ମିନିଟ୍ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଥିଲା । ସ୍ୱର୍ଗତ ଶତପଥୀଙ୍କ ମୋକ୍ଷ ପ୍ରଦାନ ନିମନ୍ତେ ଗାୟତ୍ରୀ ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା । ଉପେନ୍ଦ୍ର କୁମାର ପାଢ଼ୀ ଓ କାର୍ତ୍ତିକେଶ୍ୱର ବଡ଼ପଣ୍ଡା ଯଜ୍ଞ ସଂଚାଳନ କରିଥିଲେ । ବ୍ୟବସ୍ଥାପକ ଦୀନଦୟାଲ ଅଗ୍ରୱାଲ, ରାଜେନ୍ଦ୍ର ପଟେଲ, ସତ୍ୟନାରାୟଣ ପଟେଲ, ଦୁର୍ଗା ଚରଣ ମହାରଣା, ନଳିନୀକାନ୍ତ ନାଥ, ଶିବନାରାୟଣ ଶତପଥୀ, ଅରୁଣ ପୂଜାରୀ, ବସନ୍ତ ଦାଶ, ସୀତାରାମ ଅଗ୍ରୱାଲ, ଅଧିର ଜେନା, ନଳିନୀ ପୁଝାରୀ, ଯବାକ୍ଷୀ ସାହୁ, ପ୍ରତୀମା କାଲୋ, ପ୍ରେମକାନ୍ତ ଝା, ତୁଷାର ପଟ୍ଟନାୟକ, ପୂର୍ଣ୍ଣାନନ୍ଦ ମିଶ୍ର, ଶିବନାରାୟଣ ପାଣିଗ୍ରାହୀ ପ୍ରମୁଖ ଗାୟତ୍ରୀ ପରିଜନ ଉପସ୍ଥିତ ଥିଲେ ।

## ୩% ହାରରେ ମହଙ୍ଗାଭତ୍ତା ପ୍ରଦାନ ବିଳମ୍ବ

ସମ୍ବଲପୁର : କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟରତ କର୍ମଚାରୀ ଓ ପେନସନଧାରୀ ମାନଙ୍କୁ ୩% ହାରରେ ମହଙ୍ଗାଭତ୍ତା ଗତ ଜାନୁୟାରୀ ପହିଲାରୁ ଲାଗୁ କରିଛନ୍ତି । ରାଜ୍ୟ ସରକାର ସବୁ ସମୟରେ ଏହି ଅନୁମୋଦିତ ମହଙ୍ଗାଭତ୍ତା ପ୍ରଦାନ କରିଥାଆନ୍ତି । କିନ୍ତୁ ଏହା ମିଳିବାରେ ବିଳମ୍ବ ହେଉଛି । ଆଜିର ଦିନରେ ପ୍ରତ୍ୟେକ ଆବଶ୍ୟକୀୟ ଜିନିଷର ଦରଦାମ ବୃଦ୍ଧି ପାଇଛି । ତେଣୁ ସବୁ ଶ୍ରେଣୀର ପେନସନଧାରୀଙ୍କର ସମସ୍ୟା ଉତ୍କଟ ହୋଇଛି । ଏ ସମ୍ପର୍କରେ ଶ୍ରମିକ ନେତା ରତିକାନ୍ତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

## ସୋହେଲା ସତ୍ୟାଗ୍ରହ ସ୍ମାରକୀ ପୀଠରେ ଶ୍ରଦ୍ଧାଞ୍ଜଳି

ବରଗଡ଼ : ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଗାନ୍ଧୀଛକ ଠାରେ ଥିବା ସତ୍ୟାଗ୍ରହ ସ୍ମାରକୀ ପୀଠରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ସାମୂହିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ପ୍ରାକ୍ତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ତଥା ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସମିତିର ଅଧକ୍ଷ ପ୍ରକାଶ ଚନ୍ଦ୍ର ଦେବତା, ସାହିତ୍ୟିକ ଟେକଚାନ୍ଦ ଦୁଆନ, ସୋହେଲା ଅତିରିକ୍ତ ତହସିଲଦାର ଅଂଶୁମାନ ଷଡ଼ଙ୍ଗୀ, ଡାକ୍ତର ଶିଶିର ସାହୁ, ନଥୂରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର ପ୍ରମୁଖ ଜାତିର ପିତା ମହାତ୍ମାଗାନ୍ଧୀ ଓ ତାଙ୍କ ସହଯାତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋହେଲାର ସଚେତନ ନାଗରିକ ସମ୍ମିଳିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ପାଇଁ ଭୂମି ପୂଜା

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କେମ୍ପସ ନିର୍ମାଣ ପାଇଁ ବସନ୍ତପୁର ମୌଜା ବଡ଼ସିଂହାରୀ ଠାରେ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ.ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ପ୍ରାୟ ସାତ କୋଟି ପଚିଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାଜ୍ୟ ପୁଲିସ ହାଉସିଂ ଓ ୱେଲ ଫେୟାର କର୍ପୋରେସନର ମିଳିତ ସହଭାଗିତାରେ ଏହି କୋଠା ନିର୍ମାଣ କରିବାକୁ ଚୁକ୍ତିନାମା ହୋଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଏନ.ନାଗରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାସ, ଉପକୁଳ ସଚିବ ଉମାଚରଣ ପତିଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

## ବଲାଙ୍ଗୀରରେ ଲନ ବଲ ଦଳ ଚୟନ ଶିବିର

ବଲାଙ୍ଗୀର : ୩୬ତମ ରାଷ୍ଟ୍ରୀୟ ଗେମ୍ ପାଇଁ ବଲାଙ୍ଗୀର ଆରଏନ୍ ସିଂଦେଓ ସ୍ପୋର୍ଟ କଂପ୍ଲେକ୍ସ ଠାରେ ରାଜ୍ୟ ଲନ ବଲ ଦଳ ଚୟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଆସନ୍ତା ସେପ୍ଟେମ୍ବର ୨୭ ତାରିଖରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଗୁଜୁରାଟ ଠାରେ ଅନୁଷ୍ଠିତ ହେବାକୁ ଥିବା ୩୬ତମ ରାଷ୍ଟ୍ରୀୟ ଗେମ୍‌ରେ ରାଜ୍ୟ ଲନ ବଲ ଦଳ ମନୋନୀତ ହୋଇଛି ।



ବଲାଙ୍ଗୀରଠାରେ ରାଜ୍ୟ ଲନ ବଲ ସଂଘ ପକ୍ଷରୁ ଚୟନ ଶିବିରରେ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ନୂଆପଡା, ଭୁବନେଶ୍ୱର, କଟକ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଜେଏସ୍ଏମ୍ କଲେଜ, ଏସ୍‌ଟି ସେଣ୍ଟ ଜୋସେଫ ସ୍କୁଲ ଆଦି ୧୨ଟି ଜିଲ୍ଲାରୁ ୧୨୦ ଜଣ ଖେଳାଳୀ ଶିବିରରେ ଯୋଗ ଦେଇଥିଲେ । ୬ ପୁରୁଷ ଏବଂ ୬ ଜଣ ମହିଳା ଖେଳାଳୀ ୩୬ତମ ରାଷ୍ଟ୍ରୀୟ ଗେମ୍ସରେ ଯୋଗ ଦେବେ ବୋଲି ସଂଘ ସମ୍ପାଦକ ସୁମିତ ରଂଜନ ପୁରୋହିତ ସୂଚନା ଦେଇଛନ୍ତି । ଶିବିରରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଓ ରାଜ୍ୟ ସଂଘର ଉପଦେଷ୍ଟା ତଥା ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ସ୍ନାନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଓ ଚାରା ରୋପଣ

ସମ୍ବଲପୁର : ସୋସିଆଲ ଏଣ୍ଡ କଲଚରାଲ ଏଡଭାନ୍ସ ନେଟୱାର୍କ (ସ୍ନାନ) ପକ୍ଷରୁ ଦୁର୍ଗାପାଲି ସ୍ଥିତ ଖଡିଆପଡ଼ା କଲ୍ୟାଣ ମଣ୍ଡପ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ । ସ୍ନାନର ଅଧକ୍ଷ ସୁଧାଂଶୁ ଶେଖର ମହାରଣା ସଭା ପ୍ରାରମ୍ଭରେ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଦୁର୍ଗାପାଲି ଗ୍ରାମ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ସୋହେଲାରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର

ବରଗଡ଼ : ସୋହେଲା ଅଗ୍ରସେନ ଭବନ ଠାରେ ରାୟପୁର ସ୍ଥିତ ବାଲାଜି ମେଡିକାଲ ଫାଉଣ୍ଡେସନ ଏବଂ ହସ୍ପିଟାଲ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ହୃଦରୋଗ, ନ୍ୟୁରୋଲୋଜି, ନେଫ୍ରୋଲୋଜି ଓ ୟୁରୋଲୋଜି, ମେଡିସିନ, ଶିଶୁରୋଗ, ଜେନେରାଲ ସର୍ଜରୀ, ଗେଷ୍ଟ୍ରୋଏନଲୋଜି, ଅର୍ଥୋପେଡିକ, ସ୍ତ୍ରୀ ରୋଗ, ଇଏନଟି, ଚକ୍ଷୁରୋଗ ଏବଂ ଛାତିରୋଗର ମୋଟ ୧୫୦୫ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା । ଭଟଲି ବିଧାୟକ ସୁଶାନ୍ତ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ସୁବ୍ରତ ବେହେରା, ଜୀବର୍ଦ୍ଧନ ବରିହା, ଗଜାନନ ସା, ସୁନୀଲ ନାଏକ, ଜ୍ୟୋତିର୍ମୟୀ ତରିଆ, ଅମିତ ମିଶ୍ର, ଆଲୋକ ଅଗ୍ରୱାଲ, ପିଙ୍କୁ ବେହେରା, ପ୍ରକାଶ ପାତ୍ର, ବେଦବ୍ୟାସ ପଧାନ, ଶ୍ରୀକାନ୍ତ ସେନାପତି ଓ ଅମିଲାଲ ପଧାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ଉଦ୍‌ଘାଟିତ





ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ.ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍.ନାଗାରାଜୁ, ପୂର୍ବତନ କୁଳପତି ପ୍ରଫେସର ଅତନୁ କୁମାର ପତି, ଭିସୁଟ୍ କୁଳପତି ବଂଶୀଧର ମାଝୀ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଅର୍କକେଶରୀ ଦାସ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଉପ କୁଳସଚିବ ଡକ୍ଟର ଉମାଚରଣ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଳସଚିବ ଯୁଗଳେଶ୍ୱରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଏହି ପ୍ରଶାସନିକ କୋଠା ୧୦.୭୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପାଣ୍ଠିରୁ ୨ ହଜାର ୭୨୦ ବର୍ଗ ମିଟର ପରିମିତ ସ୍ଥାନରେ ଏହା ନିର୍ମାଣ କରାଯାଇଛି । ଏଥିରେ ମୋଟ ୨୭ ଟି ଶ୍ରେଣୀଗୃହ ରହିଛି । ଏଥିରେ କୁଳପତି, କୁଳସଚିବ, ଉପକୁଳସଚିବ ଅର୍ଥ ନିୟନ୍ତ୍ରକ, ପରୀକ୍ଷା ନିୟନ୍ତ୍ରକ, ଅଧିଷ୍ଠାନ ବିଭାଗ ସହ ଫି କାଉଣ୍ଟର ରହିବ । ତେବେ ପୁରୁଣା କୋଠାରୁ ଏସବୁ ସ୍ଥାନାନ୍ତର ହେଲେ ଶିକ୍ଷାଦାନ ଲାଗି ଶ୍ରେଣୀକକ୍ଷର ଆଉ ଅଭାବ ରହିବ ନାହିଁ ।

## କେନ୍ଦ୍ରୀୟ ବିଦ୍ୟାଳୟରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପ୍ରଦର୍ଶନୀ

ସମ୍ବଲପୁର : ସ୍ଥାନୀୟ ବରେଇପାଲି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ ଆରମ୍ଭ ହୋଇଛି । ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରେରିତ ବିଭାଜନ ସମୟରେ ଖବରକାଗଜରେ ପ୍ରକାଶ ପାଇଥିବା ଦେଶର ନାଗରିକଙ୍କ ଦୁର୍ଦ୍ଦଶା ଓ ଦୁଃଖ ଉପରେ ଆଧାରିତ ଖବର ଓ ପ୍ରତିଛବି ପ୍ରଦର୍ଶନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବହୁସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ମନୀଷ କୁମାର ଶ୍ରୀବାସ୍ତବ, ଗୁରୁ ନାନକ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଦାଶ ଓ ସାମ୍ବାଦିକ ବିରାଜ ମିଶ୍ର ଉପସ୍ଥିତ ଥିଲେ । ଶିକ୍ଷକ ସୁଧାଂଶୁ ନାୟକ ଓ ଜୟକୃଷ୍ଣ ପାତ୍ର ପ୍ରଦର୍ଶନୀ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ ।







## ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ରକ୍ତଦାନ ଶିବିର





ସମ୍ବଲପୁର : ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ 'ସକାଳ' ର ପଶ୍ଚିମ ଓଡ଼ିଶା ସଂସ୍କରଣର ବ୍ରାଞ୍ଚ ମ୍ୟାନେଜର ନରୋତ୍ତମ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସକାଳ ଓ ନନ୍ଦିଘୋଷ ଟିଭିର ଡିଜିଏମ୍ ଯୀଶୁ ମହାନ୍ତି, ଡିଜିଏମ ବିଜୟ ଦାଶ ମଞ୍ଚାସୀନ ଥିଲେ । ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ରାମଦାସ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ଓ ଅମର ଦାଣ୍ଡିଙ୍କୁ ସମ୍ମାନିତ କରାଯାଇଥିଲା । ସକାଳର ସମ୍ବଲପୁର ଜିଲ୍ଲା ପ୍ରତିନିଧି ବିମଳ କୃଷ୍ଣ ଥାପ୍ପା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ମିଟ୍ ଦି ପ୍ରେସ୍



ସମ୍ବଲପୁର : ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ମିଟ ଦି ପ୍ରେସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଶ୍ରମ ଓ ନିଯୋଜନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଓ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସଂଘର ସଭପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସଂଘର ବରିଷ୍ଠ ସଦସ୍ୟ କିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ସଂପାଦକ ଶଙ୍କର ବେହେରା ଓ ପୁଷ୍ପା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ଦାଶ (ସମ୍ବଲପୁର ) ଏବଂ ଶଙ୍କର ବଲ୍ଲଭ ମିଶ୍ର (ବରଗଡ଼ )ଙ୍କୁ ସମ୍ମାନିତ କରାଯାଇଥିଲା ।

## ବୁଢ଼ାରଜା ପାହାଡ଼ରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ



ସମ୍ବଲପୁର: ବୁଢ଼ାରଜା ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା , ସଭ୍ୟସଭ୍ୟା, ପରିବେଶ ପ୍ରେମୀ ନାଗରିକ ବୃନ୍ଦ ଏବଂ ବୁଢ଼ାରଜା ରାମକଲୀ ଦେବୀ ଟ୍ରଷ୍ଟ ଜୁନିୟର୍ କଲେଜର ଛାତ୍ରଛାତ୍ରୀ ଓ ଅଧାପକ ଅଧାପିକା ବୃନ୍ଦ ବୁଢ଼ାରଜା ପାହାଡ଼ ପାଦ ଦେଶରେ ବୃକ୍ଷ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ସମିତିର ସଭାପତି ପ୍ରକୃତି ବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରକ୍ଷାବନ୍ଧନ ଉତ୍ସବରେ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିରେ ରାଜେଶ ସିଂ, ବାସନ୍ତି ପୋଢ଼, ତିବିକ୍ରମ ପୋଢ଼, କିଶୋର ଛତର, ଅଶୋକ ପଟେଲ ଯୋଗ ଦେଇଥିଲେ ।






Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra